ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୩୬ | ସୋମବାର | ୨୮ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-36 | Monday | 28 April 2025 | Bhubaneswar | Pages-8 | Rs. 2.00

### ପ୍ରଧାନମନ୍ତ୍ରୀଙ୍କ ରେଡ଼ିଓ ଅଭିଭାଷଣ 'ମନ୍ କି ବାତ'

# 'ପହଲଗାମ ପୀଡିତଙ୍କୁ ନ୍ୟାୟ ମିଳିବ'



ନୂଆଦିଲ୍ଲୀ, ୨୭।୪ (ପିଆଇବି): ମୋର ପ୍ରିୟ ଦେଶବାସୀଗଣ, ନମସ୍କାର। ଆଜି ଯେତେବେଳେ ମୁଁ ଆପଣଙ୍କ ସହିତ ମନର କଥା ହେଉଛି, ସେତେବେଳେ ମନରେ ଗଭୀର ପୀଡ଼ା ରହିଛି। ଏପ୍ରିଲ ୨୨ ତାରିଖ ଦିନ ପହଲଗାମ୍ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଦେଶର ପ୍ରତ୍ୟେକ ନାଗରିକଙ୍କୁ ବ୍ୟଥିତ କରିଛି। ପୀଡ଼ିତ ପରିବାରଙ୍କ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗଭୀର ସମବେଦନା ରହିଛି। ସେ ଯେକୌଣସି ରାଜ୍ୟର ହୋଇଥାଆନ୍ତୁ ନା କାହିଁକି, ଯେକୌଣସି ଭାଷାଭାଷୀ ହୋଇଥାଆନ୍ତୁ ନା କାହିଁକି, ସମସ୍ତେ ସେହିମାନଙ୍କ ଯନ୍ତ୍ରଣାକୁ ଅନୁଭବ କରୁଛନ୍ତି, ଯେଉଁମାନେ ଏହି ଆକ୍ରମଣରେ ନିଜ ପରିବାରର ଲୋକଙ୍କୁ ହରାଇଛନ୍ତି। ଆତଙ୍କବାଦୀ ଆକ୍ରମଣର ଚିତ୍ରଗୁଡ଼ିକୁ ଦେଖି ପ୍ରତ୍ୟେକ ଭାରତୀୟର ରକ୍ତ ତାତି ଉଠୁଛି, ସେ କଥା ମୁଁ ଅନୁଭବ କରିପାରୁଛି। ପହଲଗାମରେ ହୋଇଥିବା ଏହି ଆକ୍ରମଣ, ଆତଙ୍କବାଦର ପୃଷ୍ଠପୋଷକଙ୍କ ହତାଶା ଭାବକୁ ଦର୍ଶାଉଛି, ସେମାନଙ୍କ କାପୁରୁଷପଣିଆକୁ ପ୍ରଦର୍ଶିତ କରୁଛି। କାଶ୍ମୀରରେ ଶାନ୍ତି ଫେରିଆସୁଥିବା ସମୟରେ - ସ୍କୁଲ-କଲେଜମାନଙ୍କରେ ଗୋଟିଏ ଉତ୍ସାହ ଥିଲା, ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଗତିଶୀଳତା ଆସିଥିଲା, ଗଣତନ୍ତ୍ର ଦୃଢ଼ୀଭୂତ ହେଉଥିଲା, ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ରେକର୍ଡ ବୃଦ୍ଧି ହୋଇଚାଲିଥିଲା, ଲୋକମାନଙ୍କ ଆୟ ବୃଦ୍ଧି ହେଉଥିଲା, ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଚାଲିଥିଲା - ଏଭଳି ସମୟରେ ଦେଶର ଶତ୍ରୁ, ଜାମ୍ମୁ-କାଶ୍ମୀରର ଶତ୍ରୁମାନଙ୍କ ପକ୍ଷରେ ଏହା ଅସହ୍ୟ ହେଲା। ଆତଙ୍କବାଦୀ ଓ ଆତଙ୍କକୁ ପ୍ରଶ୍ରୟ ଦେଉଥିବା ଶକ୍ତିମାନେ ଚାହାଁନ୍ତି ଯେ, କାଶ୍ମୀର ପୁଣିଥରେ ଧ୍ୱଂସ ହେଇଯାଉ, ତେଣୁ ସେମାନେ ଏତେ ବଡ଼ ଷଡ଼ଯନ୍ତ୍ର ଘଟାଇଲେ। ଆତଙ୍କବାଦ ବିରୁଦ୍ଧରେ ଏହି ଯୁଦ୍ଧରେ ଦେଶର ଏକତା, ୧୪୦ କୋଟି ଭାରତୀୟଙ୍କ ଏକଜୁଟପଣିଆ ଆମର ସବୁଠାରୁ ବଡ଼ ଶକ୍ତି। ଏହି ଏକତା, ଆତଙ୍କବାଦ ବିରୁଦ୍ଧରେ ଆମର ନିର୍ଣ୍ଣାୟକ ସଂଗ୍ରାମର ଆଧାର। ଦେଶ ଆଗରେ ଦେଖାଦେଇଥିବା ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଆମକୁ ଆମ ସଂକଳ୍ପକୁ ସୁଦୃଢ଼ କରିବାକୁ ହେବ। ଗୋଟିଏ ରାଷ୍ଟ୍ର ହିସାବରେ ଆମକୁ ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶିତ କରିବାକୁ ହେବ। ଏହି ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶର ସ୍ୱର ଏକ ହୋଇଥିବା କଥା ଆଜି ସାରା ବିଶ୍ୱ ଦେଖୁଛି। ବନ୍ଧୁଗଣ, ଆମ ଭାରତୀୟମାନଙ୍କ ମଧ୍ୟରେ ଯେଉଁ ଆକ୍ରୋଶ ଭାବ ରହିଛି, ସାରା ବିଶ୍ୱରେ ସେହି ଆକ୍ରୋଶ ରହିଛି। ଏହି ଆତଙ୍କବାଦୀ ଆକ୍ରମଣ ପରେ କ୍ରମାଗତ ଭାବେ ସାରା ବିଶ୍ୱରୁ ସମବେଦନା ବାର୍ତ୍ତାମାନ ଆସିବାରେ ଲାଗିଛି। ବିଶ୍ୱର ଅନେକ ନେତା ମତେ ଫୋନ୍ କରିଛନ୍ତି, ଚିଠି ଲେଖିଛନ୍ତି, ବାର୍ତ୍ତା ପଠେଇଛନ୍ତି। ଏହି ଜଘନ୍ୟ ଢଙ୍ଗରେ କରାଯାଇଥିବା ଆତଙ୍କବାଦୀ ଆକ୍ରମଣକୁ ସମସ୍ତେ ଘୋର ନିନ୍ଦା କରିଛନ୍ତି। ସେମାନେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ସମଗ୍ର ବିଶ୍ୱ, ଆତଙ୍କବାଦ ବିରୁଦ୍ଧରେ, ଆମ ସଂଗ୍ରାମରେ, ୧୪୦ କୋଟି ଭାରତୀୟଙ୍କ ସାଥିରେ ରହିଛି। ପୀଡ଼ିତ ପରିବାରମାନଙ୍କୁ ମୁଁ ପୁଣିଥରେ ଭରସା ଦେଉଛି ଯେ, ସେମାନେ ନ୍ୟାୟ ପାଇବେ, ସେମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ଏହି ଆକ୍ରମଣର ଦୋଷୀମାନଙ୍କୁ ଏବଂ ଏହି ଷଡ଼ଯନ୍ତ୍ର ରଚନାକାରୀମାନଙ୍କୁ କଠୋରତମ ଜବାବ ଦିଆଯିବ। ବନ୍ଧୁଗଣ, ଦୁଇଦିନ ପୂର୍ବେ ଆମେ ଦେଶର ଜଣେ ମହାନ ବୈଜ୍ଞାନିକ ଡ. କେ. କସ୍ତୁରୀରଙ୍ଗନ ଜୀଙ୍କୁ ହରାଇଛୁ। ଯେବେ ବି କସ୍ତୁରୀରଙ୍ଗନଙ୍କ ସହ ସାକ୍ଷାତ ହେଉଥିଲା, ସେ ଆମ ଭାରତର ଯୁବବର୍ଗଙ୍କ ପ୍ରତିଭା, ଆଧୁନିକ ଶିକ୍ଷା, ମହାକାଶ-ବିଜ୍ଞାନ ଭଳି ବିଷୟଗୁଡ଼ିକ ଉପରେ ଅନେକ ଆଲୋଚନା କରୁଥିଲେ। ବିଜ୍ଞାନ, ଶିକ୍ଷା ଏବଂ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂତନ ଶିଖରକୁ ନେବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ନେତୃତ୍ୱରେ ଇସ୍ରୋକୁ ଗୋଟିଏ ନୂତନ ପରିଚୟ ମିଳିଲା। ତାଙ୍କ ମାର୍ଗଦର୍ଶନରେ ମହାକାଶ କାର୍ଯ୍ୟକ୍ରମରେ ଯାହା ଉନ୍ନତି ହେଲା, ତାହାଦ୍ୱାରା ଭାରତର ପ୍ରଚେଷ୍ଟାକୁ ବିଶ୍ୱସ୍ତରରେ ମାନ୍ୟତାପ୍ରାପ୍ତ ହେଲା। ଭାରତ ଆଜି ଯେଉଁ ଉପଗ୍ରହଗୁଡ଼ିକ ବ୍ୟବହାର କରୁଛି, ସେଗୁଡ଼ିକ ମଧ୍ୟରୁ ଅନେକକୁ ଡ. କସ୍ତୁରୀରଙ୍ଗନଙ୍କ ତତ୍ତ୍ୱାବଧାନରେ ହିଁ ଆରମ୍ଭ କରାଯାଇଥିଲା। ତାଙ୍କ ବ୍ୟକ୍ତିତ୍ୱ କିଛି ଏଭଳି ଥିଲା, ଯାହାଠାରୁ ଏବେର ଯୁବପିଢି କିଛି ଶିଖିପାରିବେ। ସେ ସର୍ବଦା ନବସୃଜନକୁ ଗୁରୁତ୍ୱ ଦେଉଥିଲେ। କିଛି ନୂଆ ଶିଖିବା, ଜାଣିବା ଏବଂ ନୂଆ କରିବାର ତାଙ୍କର ଦୃଷ୍ଟିକୋଣ ଅତ୍ୟନ୍ତ ପ୍ରେରଣାଦାୟକ। ଡ. କେ. କସ୍ତୁରୀରଙ୍ଗନ ଦେଶର ନୂତନ ଶିକ୍ଷାନୀତି ପ୍ରସ୍ତୁତ କରିବାରେ ମଧ୍ୟ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଡ. କସ୍ତୁରୀରଙ୍ଗନ ଏକବିଂଶ ଶତାବ୍ଦୀର ଆଧୁନିକ ଆବଶ୍ୟକତାଗୁଡ଼ିକୁ ଦୃଷ୍ଟିରେ ରଖି ଆଗକୁ ଦେଖୁଥିବା ଶିକ୍ଷା ଚିନ୍ତାଧାରା ନେଇଆସିଥିଲେ। ଦେଶର ନିଃସ୍ୱାର୍ଥ ସେବା ଏବଂ ରାଷ୍ଟ୍ରନିର୍ମାଣରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇରହିବ। ମୁଁ ଡ. କେ. କସ୍ତୁରୀରଙ୍ଗନ ଜୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମୋର ପ୍ରିୟ ଦେଶବାସୀଗଣ, ଚଳିତ ଏପ୍ରିଲ ମାସରେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉନ୍ମୋଚନକୁ ୫୦ ବର୍ଷ ପୂରିଛି। ଆଜି ଯେତେବେଳେ ଆମେ ପଛକୁ ଚାହୁଁଛୁ, ୫୦ ବର୍ଷର ଏହି ଯାତ୍ରାକୁ ମନେ ପକାଉଛୁ - ସେତେବେଳେ ଲାଗୁଛି ଯେ, ଆମେ ଏକ • ପୃଷ୍ଠା ୭ ଦେଖନ୍ତୁ...

## ଅସ୍ଥାୟୀ ମଣ୍ଡପରେ ମା' ବୁଢୀ ଠାକୁରାଣୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର, ୨୭।୪ (ଡିକେ ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ବ୍ରହ୍ମପୁର ମା'ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା ଚଳିତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ସୋମବାର ଶେଷ ହେବ। ଏହି ବିଶ୍ୱ ପ୍ରସିଦ୍ଧ ମା'ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲା, ଆଖପାଖ ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶର ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଆଗମନ ଫଳରେ ଯାତ୍ରା ସ୍ଥାନ ସହିତ ସହରରେ ଉତ୍ସାହ ବୃଦ୍ଧି ପାଇଛି। ଏହି ଅବସରରେ ରବିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିବା ମା'ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ କରି ମା'ଙ୍କୁ ପୂଜା ଅର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରି ଓଡିଶା, ଗଞ୍ଜାମ ଜିଲ୍ଲା, ବ୍ରହ୍ମପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବ୍ରହ୍ମପୁର ସାଂସଦ ଡା.ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ବ୍ରହ୍ମପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ। ରବିବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲିକପ୍ଟର ଯୋଗେ ସ୍ଥାନୀୟ ବିନାୟକ ଆର୍ଚାର୍ଯ୍ୟ ମହାବିଦ୍ୟାଳୟ ପରିସରରେ ଥିବା ପଡ଼ିଆ ଠାରେ ଓହ୍ଲାଇ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସେଠାରୁ ସିଧାସଳଖ ଆସ୍କା ରୋଡ଼ ଦେଇ ସାନ ବଜାର ଛକ ଦେଇ ମା'ବୁଢ଼ୀ ଠାକୁରାଣୀ ଅସ୍ଥାୟୀ ପୀଠ ଦେଶୀ ବେହେରା ସାହି ଠାରେ ପହଞ୍ଚି ମା'ଦର୍ଶନ କରି ଥିଲେ। ପରେ ମା'ପ୍ରିୟ ବାଘ ବେଶ ପକାଇ ଥିବା ମାନସିକ ଧାରି ଭକ୍ତମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମୁଖରେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ବାଘ ନାଚ କରି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଭାରତୀୟ ଜନତା ପାର୍ଟି ବହୁ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତକୁ ସ୍ୱାଗତ କରିଥିଲେ। ସେହିପରି ମା'ବୁଢ଼ୀ ଠାକୁରାଣୀ ଯାତ୍ରା ସୋମବାର ୨୮ ତାରିଖରେ ମା'ବୁଢ଼ୀ ଠାକୁରାଣୀ ବାପ ଘର ଛାଡି ଶାଶୁ ଘର ବା ନିଜ ମନ୍ଦିରକୁ ଫେରିବେ। ପ୍ରତିଦିନ ମା'ବୁଢ଼ୀ ସାଆନ୍ତାଣୀଙ୍କୁ ପାରମ୍ପାରିକ ରିତି ନିତି ଅନୁଯାୟୀ ଭୋର ସକାଳ ସମୟରେ ଦ୍ୱାର ଖୋଲା, ବାଳ ରୋଗ ଲାଗି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଛଡ଼ା ଯାଇଥିଲା। ଠାକୁରାଣୀ ଯାତ୍ରା ଶେଷ ହେବା ଦିନ ଯେତେ ପାଖେଇ ଆସୁଛି ତାକୁ ନେଇ ମାନସିକ ପୂରଣ ନିମନ୍ତେ ଆଶା କରି ଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କ ପକ୍ଷରୁ ବାଘ ବେଶ, କୃଷ୍ଣ, ବଳରାମ, ରାଧା, ହନୁମାନ, ଦୁର୍ଗା, ଭୂତ ବେଶ ଭଳି ଅନେକ ପ୍ରକାର ବେଶ ପକାଇ ମା'ଦର୍ଶନ କରିବାକୁ ଆସିଥାନ୍ତି। ହେଲେ ସେମାନଙ୍କ ସହିତ ହଜାର ହଜାର ଭକ୍ତଙ୍କ ପ୍ରବଳ ଭିଡ଼ ସକାଳ ଠାରୁ ଆରମ୍ଭ ହୋଇ ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ଭିଡ଼ ଜମିଥିବା ପରିଲକ୍ଷିତ • ପୃଷ୍ଠା ୭ ଦେଖନ୍ତୁ...

## ୪୮ ଘଣ୍ଟାର ଅଲ୍ଟିମେଟମ୍ ଶେଷ

ନୂଆଦିଲ୍ଲୀ, ୨୭।୪ (ହି.ସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପାକିସ୍ତାନୀ ନାଗରିକମାନଙ୍କୁ ଭାରତ ଛାଡିବା ପାଇଁ ଦିଆଯାଇଥିବା ଅଲ୍ଟିମେଟମ୍ ୨୬ ଏପ୍ରିଲରେ ଶେଷ ହୋଇଛି। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ, ଯେଉଁ ପାକିସ୍ତାନୀ ନାଗରିକମାନେ ଭାରତରେ ରହୁଛନ୍ତି ଏବଂ କୌଣସି କାରଣରୁ ଏପର୍ଯ୍ୟନ୍ତ ଦେଶ ଛାଡି ପାରିନାହାନ୍ତି, ସେମାନଙ୍କର କଣ ହେବ ? ସରକାର ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେ କି ? ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ ଘୋଷଣା କରିଥିଲେ ଏବଂ ସେମାନଙ୍କୁ ଭାରତ ଛାଡିବା ପାଇଁ ୪୮ ଘଣ୍ଟା ସମୟ ଦିଆଯାଇଥିଲା, ଯାହା ଏପ୍ରିଲ ୨୬ରେ ଶେଷ ହୋଇଥିଲା। • ପୃଷ୍ଠା ୭ ଦେଖନ୍ତୁ...




## ଖୁବଶୀଘ୍ର ବ୍ରହ୍ମପୁରରେ ହେବ ଅଭିଯୋଗ ଶୁଣାଣି: ସ୍କୁଲ ଶତବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା



ବ୍ରହ୍ମପୁର, ୨୭।୪ (ଡିକେ ନ୍ୟୁଜ୍): ୨୦୩୬ରେ ଓଡ଼ିଶା ତାର ଶହେ ବର୍ଷ ପୂରଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧୀ ଧରି ସୀମାନ୍ତ ଅଞ୍ଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି। ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା। ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା। ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦିଜୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା। ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା। ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି। ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ। ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡିଶାରେ ମଧ୍ୟ ନିପୁଣ ଓଡିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି। ନିପୁଣ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫-ଟି ସ୍କୁଲ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା। ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତସ୍ତରରେ ଏହି ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ କରିବେ। ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି। ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ଏହିସବୁ ପଦକ୍ଷେପ ଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡିପିଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବିଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ। ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ। ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି। ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ। ଗଞ୍ଜାମ ଜିଲ୍ଲାର ଯୁବକଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଞ୍ଚଳବାସୀଙ୍କ ଦାବିକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଞ୍ଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର • ପୃଷ୍ଠା ୭ ଦେଖନ୍ତୁ...

## ଭାରତୀୟ ନୌସେନା ଜାହାଜ ପରୀକ୍ଷଣ କଲା ପ୍ରତିରୋଧୀ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ, ୨୭।୪ (ହି.ସ): ପାକିସ୍ତାନ ସହିତ ଉତ୍ତେଜନା ମଧ୍ୟରେ ଭାରତୀୟ ନୌସେନା ଆରବ ସାଗରରେ ଜାହାଜଗୁଡ଼ିକ ଦୀର୍ଘ ଦୂରଗାମୀ ସଠିକ ଆକ୍ରମଣ ପାଇଁ ପ୍ଲାଟଫର୍ମ, ସିଷ୍ଟମ ଏବଂ କ୍ରୁର ପ୍ରସ୍ତୁତିକୁ ପୁନଃ ପ୍ରମାଣିତ ଏବଂ ପ୍ରଦର୍ଶନ କରିବା ପାଇଁ ଅନେକ ସଫଳ ଜାହାଜ-ବିରୋଧୀ ତୋପ ଏବଂ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଭାରତୀୟ ନୌସେନା ଯୁଦ୍ଧ ପାଇଁ ପ୍ରସ୍ତୁତ, ବିଶ୍ୱସନୀୟ ଏବଂ ଭବିଷ୍ୟତ ପାଇଁ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ, ଯେକୌଣସି ଭାବରେ ଦେଶର ସାମୁଦ୍ରିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ ବୋଲି ନେସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଭାରତୀୟ ନୌସେନା ଏହି ସୂଚନା ପ୍ରଦାନ କରିଛି। ଆରବ ସାଗରରେ ବ୍ରହ୍ମୋସ୍ ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଥିଲା। ଯାହାର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୩୦୦ କିଲୋମିଟର। ପୂର୍ବରୁ, ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ୪୮ ଘଣ୍ଟା ମଧ୍ୟରେ, ଭାରତ ଗୁରୁବାର • ପୃଷ୍ଠା ୭ ଦେଖନ୍ତୁ...






## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଇଡି ହେଲେ ଅନନ୍ତ ଅମ୍ବାନୀ : ମେ ପହିଲାରୁ ଦାୟିତ୍ୱ ସମ୍ଭାଳିବେ



**ମୁମ୍ବାଇ,(ହି.ସ):** ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଗତକାଲି ଅନୁଷ୍ଠିତ କମ୍ପାନୀର ବୋର୍ଡ ବୈଠକରେ ଅନନ୍ତଙ୍କୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପୂର୍ଣ୍ଣକାଳୀନ ସଦସ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ୫ ବର୍ଷ ପାଇଁ ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଛି। ଆସନ୍ତା ମାସ ପହିଲାରୁ ସେ ଏହି ଦାୟିତ୍ୱ ସମ୍ଭାଳିବେ। କମ୍ପାନୀ ପକ୍ଷରୁ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସଂପର୍କରେ ସୂଚନା ଦିଆଯାଇଛି। ୨୦୨୩ରୁ ଅନନ୍ତ କମ୍ପାନିର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଛନ୍ତି। ଏଥିସହିତ ସେ ୨୦୨୦ ମାର୍ଚ୍ଚରୁ ଜିଓ ପ୍ଲାଟଫର୍ମ ଲିମିଟେଡର ବୋର୍ଡରେ, ୨୦୨୨ ମେ' ରୁ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ ବୋର୍ଡରେ ଏବଂ ୨୦୨୧ ଜୁନରୁ ରିଲାଏନ୍ସ ନ୍ୟୁ ଏନର୍ଜି ଲିମିଟେଡ ଓ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜି ଲିମିଟେଡ ବୋର୍ଡରେ କାର୍ଯ୍ୟ କରୁଛନ୍ତି। ରିଲାଏନ୍ସ ଫାଉଣ୍ଡେସନର ବୋର୍ଡରେ ମଧ୍ୟ ସେ ୨୦୨୨ରୁ କାର୍ଯ୍ୟ କରୁଛନ୍ତି। ଅମ୍ବାନୀଙ୍କ ୩ ସନ୍ତାନଙ୍କ ମଧ୍ୟରୁ ଅନନ୍ତ ପ୍ରଥମେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦରେ ନିଯୁକ୍ତି ପାଇଛନ୍ତି। ବଡ଼ ଭାଇ ଆକାଶ ଅମ୍ବାନୀ ୨୦୨୨ରୁ ରିଲାଏନ୍ସ ଜିଓର ଅଧ୍ୟକ୍ଷ ରହିଛନ୍ତି। ସେହିଭଳି ଭଉଣୀ ଇଶା ଅମ୍ବାନୀ ରିଲାଏନ୍ସ ରିଟେଲ ବ୍ୟବସାୟର ନେତୃତ୍ୱ ନେଉଛନ୍ତି।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ମୋଟ ରାଜସ୍ୱ ରେକର୍ଡ ୧୦ ଲକ୍ଷ କୋଟି ଟଙ୍କା ଟପିଲା

**ମୁମ୍ବାଇ,(ହି.ସ):** ଦେଶର ପ୍ରଥମ କମ୍ପାନୀ ଭାବରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୧୦ ଲକ୍ଷ କୋଟି ଟଙ୍କାର ନେଟଓ୍ୱର୍ଥ ହାସଲ କରିଛି। କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ୨୦୨୪-୨୦୨୫ ବର୍ଷର ଆର୍ଥିକ ଫଳାଫଳ ଅନୁଯାୟୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ରେକର୍ଡ ୧୦,୭୧,୧୭୪ କୋଟି ଟଙ୍କା ହୋଇଛି। ଏହି ଆର୍ଥିକ ବର୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୨.୯ ପ୍ରତିଶତ ବୃଦ୍ଧି ସହ ୮୧୩୦୯ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୮.୮ ପ୍ରତିଶତ ବଢ଼ି ୨୮୮୧୩୮ କୋଟି ଟଙ୍କା ହୋଇଥିବା ବେଳେ ଏହି ତ୍ରୈମାସିକରେ ନେଟ ଲାଭ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୬.୪ ପ୍ରତିଶତ ବଢ଼ି ୨୨୬୧୧ କୋଟି ଟଙ୍କା ରହିଥିଲା। କମ୍ପାନୀର ତୈଳ ଓ ରସାୟନ କ୍ଷେତ୍ରର ରାଜସ୍ୱ ଗତ ବର୍ଷ ସମାନ ସମୟ ତୁଳନାରେ ୧୫.୪ ପ୍ରତିଶତ ବଢ଼ି ମାର୍ଚ୍ଚ ତ୍ରୈମାସିକରେ




୧୬୪୬୧୩ କୋଟି ଟଙ୍କା ରହିଥିଲା। ସେହିଭଳି ରିଲାଏନ୍ସ ରିଟେଲ ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୫.୭ ପ୍ରତିଶତ ବଢ଼ି ୮୮୬୨୦ କୋଟି ଟଙ୍କା ହୋଇଥିଲା। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୧୦୮୯ ଟି ନୂଆ ଷ୍ଟୋର ଖୋଲିବା ସହିତ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ଏହାର ମୋଟ ଷ୍ଟୋର ସଂଖ୍ୟା ୧୯୩୪୦ କୁ ବୃଦ୍ଧି ପାଇଛି। ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଜିଓ ପ୍ଲାଟଫର୍ମସର ନେଟ୍ ଲାଭରେ ୨୫.୭ ପ୍ରତିଶତ ବୃଦ୍ଧି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ୍ ଉଦ୍ୟୋଗ ଜିଓ ପ୍ଲାଟଫର୍ମସର ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ବା ଶେଷ ତ୍ରୈମାସିକରେ ନେଟ ଲାଭ ୨୫.୭ ପ୍ରତିଶତ ବୃଦ୍ଧି ପାଇ ୭,୦୨୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ତ୍ରୈମାସିକରେ ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ରାଜସ୍ୱ (ଆରପୁ) ୧୩.୫ ପ୍ରତିଶତ ବୃଦ୍ଧି ପାଇ ୨୦୬.୨ ଟଙ୍କା ହୋଇଛି, ଯାହା ମାର୍ଚ୍ଚ ୨୦୨୪ ତ୍ରୈମାସିକରେ ୧୮୧.୭ ଟଙ୍କା ରହିଥିଲା। ଏହି ତ୍ରୈମାସିକରେ ଜିଓ ୬୧ ଲକ୍ଷରୁ ଅଧିକ ଉପଭୋକ୍ତା ଯୋଡିବା ସହିତ ମାର୍ଚ୍ଚ ୩୧ ସୁଦ୍ଧା ଜିଓର ମୋଟ ଉପଭୋକ୍ତା ସଂଖ୍ୟା ୪୮.୮୨ କୋଟି ରହିଥିଲା। ଜିଓର ୫ଜି ଉପଭୋକ୍ତା ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧୯ କୋଟିରୁ ଅଧିକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ଡାଟା ବ୍ୟବହାର ୩୩.୬ ଜିବି ହୋଇଥିବା ବେଳେ ମୋଟ ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୧୯.୬ ପ୍ରତିଶତ ବୃଦ୍ଧି ପାଇ ଚତୁର୍ଥ ତ୍ରୈମାସିକରେ ୪୮.୯ ବିଲିଅନ ଜିବି ହୋଇଥିବା ଜଣାପଡିଛି। ମାର୍ଚ୍ଚ ୩୧, ୨୦୨୫ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇ ୨୬,୧୨୦ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୨୧,୪୩୪ କୋଟି ଟଙ୍କା ଥିଲା। ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଓ ପ୍ଲାଟଫର୍ମସର ପରିଚାଳନାଗତ ରାଜସ୍ୱ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇ ୧,୨୮,୨୧୮ କୋଟି ଟଙ୍କା ହୋଇଛି ଯାହା ଆର୍ଥିକ ବର୍ଷ ୨୦୨୩-୨୪ ରେ ୧,୦୯,୫୫୮ କୋଟି ଟଙ୍କା ରହିଥିଲା।

## ଓଡ଼ିଶାରେ ମୋବାଇଲ୍ ସେବା : ଫେବ୍ରୁଆରୀରେ ୨ ଲକ୍ଷ ଗ୍ରାହକ କମ୍ପାନୀ ବଦଳାଇଛନ୍ତି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଫେବୃଆରି ମାସରେ ଓଡ଼ିଶାରେ ପ୍ରାୟ ୨ ଲକ୍ଷ ମୋବାଇଲ ଫୋନ୍ ଗ୍ରାହକ କମ୍ପାନି ବଦଳାଇଛନ୍ତି। ଦେଶରେ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍‌ଏନପି) କାର୍ଯ୍ୟକାରୀ ହେବା ଦିନଠାରୁ ଚଳିତବର୍ଷ ଫେବ୍ରୁଆରୀ ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ୧ କୋଟି ୯୨ ଲକ୍ଷ ୬୦ ହଜାର ଲୋକ କମ୍ପାନୀ ବା ଅପରେଟର ବଦଳାଇଲେଣି। ଚଳିତବର୍ଷ ଜାନୁଆରୀ ମାସରେ ଏମାନଙ୍କ ସଂଖ୍ୟା ୧ କୋଟି ୯୦ ଲକ୍ଷ ୭୦ ହଜାର ରହିଥିଲା। ଚଳିତ ସପ୍ତାହରେ ଭାରତୀୟ ଟେଲି ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶାରେ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଫେବ୍ରୁଆରି ମାସରେ ୧ ଲକ୍ଷ ୮୨ ହଜାର ୬୦ ବୃଦ୍ଧି ଘଟିଛି। ଏମାନଙ୍କ ମଧ୍ୟରେ ଜିଓ ସର୍ବାଧିକ ୧ ଲକ୍ଷ ୧୪ ହଜାର ୪୬୩ ଗ୍ରାହକ ଯୋଡ଼ିଥିବାବେଳେ ଏୟାରଟେଲ ୬୧ ହଜାର ୬୩୨ ଗ୍ରାହକ ଯୋଡ଼ିଛି। ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟାରେ ୯୮୬୧ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ବିଏସ୍‌ଏନ୍‌ଏଲ୍ ଗ୍ରାହକ ସଂଖ୍ୟା ଫେବ୍ରୁଆରି ମାସରେ ୩୮୯୬ ଜଣ ହ୍ରାସ ପାଇଛି। ଜାନୁଆରୀ ମାସରେ ଓଡ଼ିଶାରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୪୪ ଲକ୍ଷ ୧୭ ହଜାର ୮୨୪ ରହିଥିବାବେଳେ ଫେବ୍ରୁଆରିରେ ଏହା ୩ କୋଟି ୪୫ ଲକ୍ଷ ୯୯ ହଜାର ୮୮୪ରେ ପହଞ୍ଚିଛି। ଜିଓ ଗ୍ରାହକଙ୍କ ସଂଖ୍ୟା ୧ କୋଟି ୫୮ ଲକ୍ଷ ୨୧ ହଜାର ୪୪ରେ ରହିଛି। ଏହା ପଛକୁ ଏୟାରଟେଲର ୧ କୋଟି ୧୮ ଲକ୍ଷ ୧୦ ହଜାର ୬୯୫, ବିଏସ୍‌ଏନ୍‌ଏଲ୍ ୫୫ ଲକ୍ଷ ୭୩ ହଜାର ୪୨୦ ଏବଂ ଭୋଡାଫୋନ ଆଇଡିଆର ୧୩ ଲକ୍ଷ ୯୪ ହଜାର ୭୨୫ ଜଣ ମୋବାଇଲ ଫୋନ ଗ୍ରାହକ ରହିଛନ୍ତି। ଏଥିସହିତ ୫ଜି ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ଫେବ୍ରୁଆରୀ ମାସ ଶେଷ ସୁଦ୍ଧା ୧ ଲକ୍ଷ ୬୫ ହଜାର ୬୪୭ରେ ପହଞ୍ଚିଛି। ଜାନୁଆରୀ ମାସରେ ଏମାନଙ୍କ ସଂଖ୍ୟା ୧ ଲକ୍ଷ ୫୦ ହଜାର ୪୭୧ ରହିଥିଲା। ଦୁଇ ଘରୋଇ କମ୍ପାନୀ ଜିଓ ଏବଂ ଏୟାରଟେଲ ଏହି ସେବା ଯୋଗାଇ ଦେଉଛନ୍ତି। ଫେବ୍ରୁଆରିରେ ଜିଓ ୧୧ ହଜାର ୪୭ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ଗ୍ରାହକ ସଂଖ୍ୟା ୧ ଲକ୍ଷ ୪୨ ହଜାର ୮୪୦ରେ ପହଞ୍ଚିଛି। ସେହିଭଳି ଏୟାରଟେଲ ୪୧୨୯ ନୂଆ ଗ୍ରାହକ ଯୋଡ଼ିବା ଫଳରେ ଏହାର ମୋଟ ଗ୍ରାହକ ସଂଖ୍ୟା ୨୨୮୦୭ରେ ପହଞ୍ଚିଛି। ରାଜ୍ୟରେ ଫେବୃଆରି ଶେଷ ସୁଦ୍ଧା ମୋଟ ୫ ଲକ୍ଷ ୫୩ ହଜାର ୮୫୧ ଜଣ ଓ୍ୱାଇରଲାଇନ୍ ଗ୍ରାହକ ରହିଛନ୍ତି। ଫେବୃଆରିରେ ମୋଟ ୫୩,୭୧୭ ନୂଆ ଓ୍ୱାଇରଲାଇନ ଗ୍ରାହକ ଯୋଡ଼ି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଏସ୍‌ଏନ୍‌ଏଲ୍ ସର୍ବାଧିକ ୪୬ ହଜାର ୮୧୫ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ଓ୍ୱାଇରଲାଇନ ଗ୍ରାହକ ସଂଖ୍ୟା ୧ ଲକ୍ଷ ୭୧ ହଜାର ୪୨୮ରେ ପହଞ୍ଚିଛି। ଜିଓ ୩୩୯୬ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ଓ୍ୱାଇରଲାଇନ ଗ୍ରାହକଙ୍କ ସଂଖ୍ୟା ୨ ଲକ୍ଷ ୮୭ ହଜାର ୫୩୬ରେ ପହଞ୍ଚିଛି। ଏହି ମାସରେ ଏୟାରଟେଲ ୨୪୪୩, ଟାଟା ଟେଲି ୧୧୩୩ ନୂଆ ଓ୍ୱାଇରଲାଇନ ଗ୍ରାହକ ଯୋଡ଼ିଥିବାବେଳେ ଭୋଡାଫୋନ ଆଇଡିଆ ୭୦ ଜଣ ଓ୍ୱାଇରଲାଇନ ଗ୍ରାହକ ହରାଇଛି। ରାଜ୍ୟର ଟେଲି ଯୋଗାଯୋଗ ସେବାକୁ ଦେଖିଲେ ଜଣାଯାଇଛି ଯେ ଓଡ଼ିଶାରେ ଟେଲି ସାନ୍ଦ୍ରତା ୭୯.୨୮ ପ୍ରତିଶତ ରହିଛି। ଓଡ଼ିଶା ଦେଶର ତଳ ୫ଟି ରାଜ୍ୟ ମଧ୍ୟରେ ରହିଛି। ଓଡ଼ିଶା ତଳକୁ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଆସାମ ରହିଛନ୍ତି।




## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କଲେ ନେପାଳର ପୂର୍ବତନ ରାଜା ଜ୍ଞାନେନ୍ଦ୍ର

**କାଠମାଣ୍ଡୁ,(ହି.ସ):** ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ, ହିନ୍ଦୁ ତୀର୍ଥଯାତ୍ରୀଙ୍କୁ ଟାର୍ଗେଟ କରିବା କରି ଜଣେ ନେପାଳୀ ନାଗରିକଙ୍କ ସହିତ ୨୮ଜଣ ଲୋକଙ୍କ ମୃତ୍ୟୁ ଉପରେ ମୋର ସମବେଦନା ଜଣାଉଛି । ଶନିବାର ପୂର୍ବତନ ରାଜା ଆକ୍ରମଣକୁ ନେଇ ଗଭୀର ଦୁଃଖ ବ୍ୟକ୍ତ କରି କହିଛନ୍ତି ଯେ, ଏହି ଆକ୍ରମଣ ମାନବତା ଓ ହିନ୍ଦୁ ସମୁଦାୟ ବିରୁଦ୍ଧରେ ଏକ ଅକ୍ଷମ୍ୟ ଓ ଜଘନ୍ୟ ଅପରାଧ ଅଟେ । ଆମେ ଏହି ଟ୍ରାଜେଡିର କେତେ ବି କଡ଼ା ନିନ୍ଦା କରୁ, ଏହା କେବେ ବି କ୍ଷତିର ଭୟାବହତାକୁ ବ୍ୟକ୍ତ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ସେ ସନାତନ ବୈଦିକ ହିନ୍ଦୁଙ୍କ ମୂଳ ମାନ୍ୟତା ବସୁଧୈବ କୁଟୁମ୍ବକମର ସିଦ୍ଧାନ୍ତ କଥା ଉଠାଇ କହିଛନ୍ତି ଯେ, ଏହି ବିଚାର ବିଶ୍ୱର ଗୋଟିଏ ପରିବାର ଅଟେ । ଏହି ମୂଲ୍ୟ ବିରୁଦ୍ଧରେ ଏଭଳି ଭାବେ ଅପରାଧ କରିବା ନା କେବଳ ଗୋଟିଏ ପାପ ଅଟେ, ବରଂ ଆମ ଧାର୍ମିକ ଓ ମାନବୀୟ ସିଦ୍ଧାନ୍ତର ଗମ୍ଭୀର ଉପଲଙ୍ଘ ଅଟେ ।

## ଆତଙ୍କବାଦୀଙ୍କ ଗୁଳିରେ ଆହତ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ହସ୍ପିଟାଲରେ ମୃତ୍ୟୁ

**କୁପଓ୍ୱାଡ଼ା,(ହି.ସ):** କୁପବାଡ଼ା ଜିଲ୍ଲାର କଂଡି ଖାସ ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ଆତଙ୍କବାଦୀଙ୍କ ଗୁଳିରେ ଆହତ ହୋଇଥିବା ୪୩ ବର୍ଷୀୟ ସାମାଜିକ କାର୍ଯ୍ୟକର୍ତାଙ୍କ ରବିବାର ହସ୍ପିଟାଲରେ ମୃତ୍ୟୁ ଘଟିଛି । ଶନିବାର ରାତିରେ ଆତଙ୍କବାଦୀମାନେ ତାଙ୍କ ଘରେ ପଶି ତାଙ୍କୁ ଗୁଳି କରିଥିଲେ। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, କଂଡି ଖାସ ନିବାସୀ ଗୁଲାମ ରସୁଲ ମାଗରେ ଜଣେ ସାମାଜିକ କାର୍ଯ୍ୟକର୍ତା ଥିଲେ । ଆତଙ୍କବାଦୀମାନେ ତାଙ୍କ ଘରେ ପଶି ତାଙ୍କୁ ଗୁଳି କରିଥିଲେ। ଚିକିତ୍ସା ନିମନ୍ତେ ତୁରନ୍ତ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପରେ ତାଙ୍କୁ ଶ୍ରୀନଗର ସ୍ଥିତ ଏସଏମଏଚଏସକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି । ମେଡିକୋ-ଲିଗଲ ଔପଚାରିକତା ପରେ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଝେଲମରେ ହଠାତ୍ ବଢ଼ିଲା ଜଳସ୍ତର, ପାକିସ୍ତାନରେ ଆସିଲା ବନ୍ୟା

**ଇସଲମାବାଦ,(ହି.ସ):** ଝେଲମ ନଦୀରେ ହଠାତ୍ ଜଳସ୍ତର ବଢ଼ିବା କାରଣରୁ ପାକିସ୍ତାନ କବଜାରେ ଥିବା କଶ୍ମୀରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ନଦୀ କୂଳରେ ରହୁଥିବା ଲୋକେ ରାତିସାରା ପୂରା ଅନିଦ୍ରା ହୋଇଛନ୍ତି । ପାକିସ୍ତାନ ପ୍ରଶାସନ ହଟ୍ଟିୟନ ଅଞ୍ଚଳରେ ଓ୍ୱାଟର ଇମରଜେନ୍ସି ଘୋଷଣା କରିଛନ୍ତି । ଏହାସହିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି । ମସଜିଦରେ ବି ଲୋକଙ୍କୁ ବାରମ୍ବାର ସତର୍କ କରାଯାଇଛି । ଅନ୍ୟପଟେ ଭାରତ ଜାଣିଶୁଣି ନଦୀରେ ଅଧିକ ପାଣି ଛାଡିବା ନେଇ ଅଭିଯୋଗ କରିଛି। ଭାରତ ପକ୍ଷରୁ ଏବେ ଏହି ମାମଲାରେ କୌଣସି ପ୍ରତିକ୍ରିୟା ମିଳିନି।

## କଳିଙ୍ଗ ଗୌରବ ଫାଉଣ୍ଡେସନ ପକ୍ଷରୁ ଆଇ ଓମ୍ୟାନ ଅଫ ସବଷ୍ଟାନସ ପୁରସ୍କାର ବିତରଣ ଉତ୍ସବ

**ନୂଆଦିଲ୍ଲୀ,(ଡିକେ ନ୍ୟୁଜ୍):** କଳିଙ୍ଗ ଗୌରବ ଫାଉଣ୍ଡେସନ ତରଫରୁ ଦ୍ୱାଦଶ 'ଆଇ ଓମ୍ୟାନ ଅଫ ସବଷ୍ଟାନସ' ପୁରସ୍କାର ବିତରଣ ଉତ୍ସବ ନୂଆଦିଲ୍ଲୀଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉତ୍ସବସ୍ଥଳ ଇଣ୍ଡିଆ ହାବିଟେଟ ସେଣ୍ଟରର ଆମ୍ଫି ଥିଏଟରକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖାଯାଇଥିଲା। ସମାବେଶରେ ଶତାଧିକ ନାରୀ ନେତ୍ରୀ, ବିଭିନ୍ନ କ୍ଷେତ୍ରରେ ସାଫଲ୍ୟ ଅର୍ଜନ କରିଥିବା ମହିଳା, ସ୍ୱନାମଧନ୍ୟ ସମାଜସେବୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଆଇ ଓମ୍ୟାନ ଅଫ ସବଷ୍ଟାନସ ପୁରସ୍କାର ପ୍ରଦାନ ମହୋତ୍ସବ ପ୍ରଥମ ଥର ପାଇଁ ଜାତୀୟ ରାଜଧାନୀଠାରେ ଆୟୋଜିତ ହୋଇଥିବାରୁ ଏହାକୁ କେନ୍ଦ୍ର କରି ଉଭୟ ଆୟୋଜକ ଏବଂ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅସୀମ ଉତ୍ସାହ ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା। ସମଗ୍ର ପରିବେଷ୍ଟନୀ ଉତ୍ସବମୁଖର ହୋଇ ଉଠିଥିଲା। ବିକଶିତ ଭାରତ ଗଠନ ଦିଗରେ ମହିଳାମାନଙ୍କର ଅବଦାନ ଶୀର୍ଷକ ଏକ ଆଲୋଚନା, ମହୋତ୍ସବର ବିଶେଷ ଆକର୍ଷଣ ଥିଲା। ଆଲୋଚନାକାରୀମାନଙ୍କ ମଧ୍ୟରେ ଡଃ. ଅନୀତା ପଣ୍ଡା, ରଶ୍ମୀ ସାହୁ, ଡଃ. କବିତା ରାଓ, ବିୟୁଟି ଶ୍ରୀବାସ୍ତବ, ରିଙ୍କି ସୋଧା ରାଜପୁତ ଓ ରୁଚି ଦୁବେ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଆଲୋଚନାକୁ ଶ୍ୟାମା ଝା ଦକ୍ଷତାର ପରିଚାଳନା କରିଥିଲେ। ଏହି ଅବସରରେ ଓମ୍ୟାନ ପାର୍ଲିଆମେ-୨୦୨୫ ପତ୍ରିକା ଏବଂ ଆଇକନିକ ସ୍ପୋର୍ଟସ ଫେଡେରେସନର ଲୋଗୋ ଉନ୍ମୋଚନ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ମହିଳାମାନଙ୍କର ପ୍ରତିଭା ଓ ପାରଦର୍ଶିତାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ, 'ଆଇ ଓମ୍ୟାନ ଅଫ ସବଷ୍ଟାନସ' ପୁରସ୍କାର ଉଦ୍ଦିଷ୍ଟ। କଳିଙ୍ଗ ଗୌରବ ଫାଉଣ୍ଡେସନ ଦ୍ୱାରା ସ୍ଥାପିତ ଏହି ସମ୍ମାନଜନକ ପୁରସ୍କାର ବାର୍ଷିକ ଭାବରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧି ହାସଲ କରିଥିବା ମହିଳାମାନଙ୍କୁ ପ୍ରଦାନ କରାଯାଇଥାଏ। ଉଦ୍ୟୋଗ, ସମାଜସେବା, ସ୍ୱାସ୍ଥ୍ୟସେବା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, କଳା, ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣ ଆଦି କ୍ଷେତ୍ରରେ ବିଶେଷ ଯୋଗଦାନ ଦେଉଥିବା ମହିଳାମାନଙ୍କୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଥାଏ। ଏହି ପୁରସ୍କାର ସହିତ ସଂଯୁକ୍ତ ସମାଜସେବା ଦିଗଟି ଏହାର ଗାରିମା ଓ ଗୁରୁତ୍ୱକୁ ସାଧାରଣରେ ଯଥେଷ୍ଟ ବଢ଼ାଇ ଦେଇଛି। ବିଟିଆ ପ୍ରତିଷ୍ଠାନର ସହଯୋଗରେ ପ୍ରତ୍ୟେକ ପୁରସ୍କାର ବିଜେତା ଜଣେକରି ଅସହାୟ ବାଳିକାକୁ ପୋଷ୍ୟ ଭାବରେ ଗ୍ରହଣ କରିବେ ବୋଲି ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ଜଣାଯାଇଛି। ବିଶିଷ୍ଟ ସମାଜସେବୀ, ଅଗ୍ରଣୀ ଶିକ୍ଷାବିତ ଏବଂ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ ଡଃ. ଚିଦାତ୍ମିକା ଖଟୁଆଙ୍କ ଦ୍ୱାରା ୨୦୧୬ ମସିହାରେ ପ୍ରତିଷ୍ଠିତ କଳିଙ୍ଗ ଗୌରବ ଫାଉଣ୍ଡେସନ, ଉତ୍କୃଷ୍ଟତାର ଚିହ୍ନଟ, ପ୍ରତିଭାର ପରିସ୍ଫୁଟନ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ଦିଗରେ ଜାତୀୟସ୍ତରରେ ବଳିଷ୍ଠ ଢଙ୍ଗରେ କାର୍ଯ୍ୟ କରି ଆସୁଛି। ବହୁବିଧ ସାଧୁ ଉଦ୍ୟମ ଯଥା:- କଳିଙ୍ଗ ଗୌରବ ଓ କଳିଙ୍ଗ ସୁନ୍ଦରୀ ପୁରସ୍କାର, ଆଦିରାଣୀ ଏବଂ ଆର୍ଯ୍ୟଭଟ୍ଟ ଗୌରବ ସମ୍ମାନ ପ୍ରଭୃତି ଜରିଆରେ ପୂଜ୍ୟପୂଜାର ଅବସର ସୃଷ୍ଟି କରିବା ଏହି ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ସବରେ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ସୁନୀଲ ଭରାଲା, ବହିର୍ବ୍ୟାପାର ମନ୍ତ୍ରାଳୟର ପୂର୍ବତନ ସଚିବ ଅମରେନ୍ଦ୍ର ଖଟୁଆ, ପଦ୍ମଶ୍ରୀ ଡଃ. ମାୟା ଟଣ୍ଡନ, ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ୟୁଥ ଫର୍ ନେସନର ପ୍ରତିଷ୍ଠାତା ସଭାପତି



ଡଃ. ମହେଶ ଶର୍ମା, ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, କମ୍ପାନୀ ସେକ୍ରେଟାରୀ ବି. ଏଲ. ଅଗ୍ରଓ୍ୱାଲ, ଉତ୍ତର ପ୍ରଦେଶ ମହିଳା ଆୟୋଗର ପୂର୍ବତନ ସଭାପତି ବିମଳା ବାଥମ, ଆଧ୍ୟାତ୍ମିକ ପ୍ରବକ୍ତା ସ୍ୱାମୀ ପ୍ରେମ ଆନନ୍ଦ୍ୱେସି, ବେଦଗୁରୁ ଆଚାର୍ଯ୍ୟ ଡଃ. ଶୈଳେଶ ତିଓ୍ୱାରୀ, ଉଦ୍ୟୋଗପତି ଗୌରବ ଗୁପ୍ତା ଏବଂ ସମାଜସେବୀ ହେମନ୍ତ ଶର୍ମା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥିବୃନ୍ଦ ବିଭିନ୍ନ ଶ୍ରେଣୀରେ ସୁନାମ ଅର୍ଜନ କରିଥିବା ମହୀୟସୀ ମହିଳାମାନଙ୍କୁ ଆଇ ଓମ୍ୟାନ ଅଫ ସବଷ୍ଟାନସ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡଃ. ମାୟା ଟଣ୍ଡନ (ମଦର ଆଇକନ), ଗୁଲାବୋ ଦେବୀ (ଜୀବନବ୍ୟାପୀ ସଫଳତା), ବାଁଶୁରୀ ସ୍ୱରାଜ (ଶ୍ରେଷ୍ଠ ରାଜନୈତିଜ୍ଞ), ଡଃ. ଶଶୀ ସିଂ (ଓମେନ ଫେସ୍ ଅଫ ଦି ଇଅର), ରଶ୍ମୀ ସାହୁ (ଶିଳ୍ପୋଦ୍ୟୋଗୀ), ସସ୍ମିତା ତ୍ରିପାଠୀ (ଶ୍ରେଷ୍ଠ ଆଇନଜୀବୀ) ନୀଳିମା ପ୍ରିୟଦର୍ଶିନୀ (ଶ୍ରେଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ), ଡଃ. କବିତା ରାଓ (ଶିଳ୍ପୋଦ୍ୟୋଗୀ), ଇଞ୍ଜିନିୟର ରୋଜାଲିନ ମିଶ୍ର (ସଙ୍ଗୀତ) ଆଭା ଅନୁପମା (ଶିଳ୍ପୋଦ୍ୟୋଗୀ), ଅନିନ୍ଦିତା ଦାସ (କଣ୍ଠଶିଳ୍ପୀ), ବିୟୁଟି ଶ୍ରୀବାସ୍ତବ (ଶିଳ୍ପୋଦ୍ୟୋଗୀ), ଗୀତିକା ଅଗ୍ରଓ୍ୱାଲ (ସାମାଜିକ କାର୍ଯ୍ୟକର୍ତ୍ତା), ସ୍ମିତା ସାମନ୍ତ (ଶିଳ୍ପୋଦ୍ୟୋଗୀ), ମଧୁସ୍ମିତା ମହାନ୍ତି (ସମାଜସେବୀ), ଗୀତା ମାନୋଥ (ସମାଜସେବୀ), ମୋନାଲିସା ମହାନ୍ତି (ସମାଜସେବୀ), ପ୍ରିୟା ମିଶ୍ର (ଆଧ୍ୟାତ୍ମିକ ଉପାସିକା), ରାଜକୁମାରୀ ବ୍ରହ୍ମଭଟ୍ଟ (ସମାଜସେବୀ) ଲଗ୍ନଦୀପା ମିଶ୍ର (ସମାଜସେବୀ), ପ୍ରିୟତମା କର (ଶିଳ୍ପୋଦ୍ୟୋଗୀ), ପ୍ରିୟଙ୍କା ଗୌତମ (ଅଭିନେତ୍ରୀ), ରିଙ୍କି ସୋଧା ରାଜପୁତ (ମଡେଲ), ମଞ୍ଜୁ ଅମର ଦାଭି (ଗଣମାଧ୍ୟମ ବ୍ୟକ୍ତିତ୍ୱ), ରିତିକା କାଶ୍ୟପ (ଉପସ୍ଥାପିକା), ରୁଚି ଦୁବେ (ଶିକ୍ଷାବିତ) ସ୍ମାରିକା ମହାନ୍ତି (ଶିଳ୍ପୋଦ୍ୟୋଗୀ), ଡଃ. ଶ୍ରେୟା ଜେସିକା ଧନ( ଆଦିବାସୀ ମହିଳା ସଶକ୍ତିକରଣ) ଓ ଡଃ. ଅନୀତା ପଣ୍ଡା (ଶ୍ରେଷ୍ଠ ଲେଖିକା) ପ୍ରମୁଖ ସାମିଲ ଥିଲେ। ସମାରୋହର ସ୍ୱତନ୍ତ୍ର ଆକର୍ଷଣ ପ୍ରସିଦ୍ଧ ଗାୟିକା ଅନିନ୍ଦିତା ଦାସଙ୍କ ଦ୍ୱାରା ସୁମଧୁର ସଙ୍ଗୀତ ପରିବେଷଣ ଥିଲା। ଦକ୍ଷ ଉପସ୍ଥାପିକା ପ୍ରତିମା ଶର୍ମା ସମଗ୍ର କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସଞ୍ଚାଳନା କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଡଃ. ଦେବେନ୍ଦ୍ର ପ୍ରସାଦ ମାଝୀ, ପ୍ରମୋଦ ଭଲ, ବିନାୟକ ଦାସ, ଡଃ. କାବେରୀ ବେହେରା, ସୁରଞ୍ଜିତା ରଣା, ଡ୍.ଏନ.ଚୋପ୍ରା , ସନ୍ତୋଷ ରାଉତ, ସୁବାସ ଚନ୍ଦ୍ର ଶାସ୍ତ୍ରୀ ଏବଂ ଅଜୟ ଗୁପ୍ତା ପ୍ରମୁଖ ସାମିଲ ଥିଲେ। ପୁରସ୍କାର ବିତରଣ ଉତ୍ସବକୁ ସୂଚାରୁ ରୂପେ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ କଳିଙ୍ଗ ଗୌରବ ଫାଉଣ୍ଡେସନର ସଭାପତି ଡଃ. ସଞ୍ଜୀବ କୁମାର ପାଟଯୋଶୀ, ମହାସଚିବ ଡଃ. ଚିଦାତ୍ମିକା ଖଟୁଆ, ସ୍ୱାଗତ ସମିତିର ଅଧ୍ୟକ୍ଷ ଡଃ. ମନୋରଞ୍ଜନ ମହାନ୍ତି, ଜାତୀୟ ଆବାହକ ଡଃ. ରଜନୀକାନ୍ତ ମିଶ୍ର ଏବଂ ଆୟୋଜନ କମିଟିର ଅଧ୍ୟକ୍ଷ ଭରତ କୁମାର ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

# ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ : ରବି ନାଏକ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି । ଯେଉଁ ଜାଗାରେ ପାଣି ମିଳୁ ନ ଥିବ । ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ପାଣି ପାଇଁ କେହି କଷ୍ଟ ନ ପାଇବେ ନାହିଁ। ସରକାର ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଗ୍ରୀଷ୍ମ ପ୍ରବାହରକୁ ନେଇ ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ।ଯେଉଁ ଜାଗାରେ ପାଣି ମିଳୁ ନ ଥିବ। ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ। ଚଳିତ ବର୍ଷ ନୂଆ ସରକାରରେ ୨୪ ହଜାର ନୂଆ ନଳକୂପ ସ୍ଥାପନ କରାଯାଉଛି। ୨୪ ହଜାର ନୂଆ ନଳକୂପ ମଧ୍ୟରୁ ୯ ହଜାରରୁ ଅଧିକ ନୂଆ ନଳକୂପ ସ୍ଥାପନ ସ୍ଥାପନ ହୋଇ ସାରିଛି। ବାକି ୧୫ ଦିନ ଭିତରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ନେଇ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି। ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳଙ୍କୁ ନେଇ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳ ଯୋଗାଣ ନେଇ ୨୭୨ ମେଗା ପ୍ରକଳ୍ପ ଚାଲିଛି। ସୋଶିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ଏହାକୁ ନେଇ ବିଭାଗ ପକ୍ଷରୁ ମନିଟରିଙ୍ଗ କରାଯାଉଛି। ସେହି ଆଧାରରେ ମଧ ପଦକ୍ଷେପ ନିଆଯାଉଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୧୨୧ତମ ମନ୍ କି ବାତ୍ କାର୍ଯ୍ୟକ୍ରମ

# ଆତଙ୍କବାଦୀ ବିରୋଧ ଲଢ଼େଇରେ ପୁରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି : ମନମୋହନ ସାମଲ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ମନ କି ବାତ କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ କଶ୍ମୀରର ପହଲଗାମରେ ଆତଙ୍କବାଦୀ ବର୍ବୋରଚିତ ଆକ୍ରମଣ ଘଟଣାକୁ ମନେ ପକାଇ ଦୁଃଖବ୍ୟକ୍ତ କରିଛନ୍ତି । ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ପୀଡ଼ିତଙ୍କ ପରିବାରକୁ ନିଶ୍ଚିନ୍ତ ନ୍ୟାୟ ମିଳିବ ଏବଂ ଆତଙ୍କବାଦୀମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଭରସା ଦେଇଛନ୍ତି । ଆତଙ୍କବାଦୀ ବିରୋଧ ଲଢ଼େଇରେ ପୁରା ଦେଶବାସୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଜମ୍ମୁ କାଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା । ଗଣତନ୍ତ୍ର ମଜଭୁତ ହେଉଥିଲା । ସ୍କୁଲ, କଲେଜ ସ୍ୱାଭାବିକ ଭାବରେ ଚାଲୁଥିଲା । ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢୁଥିଲା । ଯୁବଗୋଷ୍ଠୀଙ୍କ ଲାଗି ନୂତନ ସମ୍ଭାବନା ସୃଷ୍ଟି ହେଉଥିଲା । ହେଲେ ଆତଙ୍କବାଦୀମାନେ ଏହାକୁ ସହି ନ ପାରି ଧର୍ମ ଆଧାରରେ କାଶ୍ମୀରରେ ଯେଉଁ ଅମାନବୀୟ କା କଲେ ତାହାକୁ ବିଜେପି କଡ଼ା ନିନ୍ଦା କରୁଛି । ନୀରିହ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଲେ । ଏହାର ଆକ୍ରୋଶ ପୁରାଦେଶବାସୀଙ୍କ ମନରେ ରହିଛି । ସେମାନଙ୍କୁ ଜବାବ ଦେବାପାଇଁ ଶ୍ରୀ ମୋଦିଜୀ ଯେଉଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏବଂ ଆଗକୁ ଦେଶର ହିତ ପାଇଁ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସଭିଏଁ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଳୀର ଧାମରାଠାରେ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ଏହି ଅବସରରେ ଜିଲ୍ଲାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଏଆଇସି-ନାଳନ୍ଦା ପକ୍ଷରୁ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ୨୦୨୫ ପାଳିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅଟଳ ଇନୋଭେଶନ ମିଶନ, ନିତି ଆୟୋଗ ଦ୍ୱାରା ସମର୍ଥିତ ନାଳନ୍ଦା ଇନ୍?ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ (ଏଆଇସି-ନାଳନ୍ଦା) ପକ୍ଷରୁ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ (ୱାର୍ଲ୍ଡ ଇଂଟେଲେକ୍‌ଚୁଆଲ ପ୍ରପର୍ଟି ଡେ') ଭୁବନେଶ୍ୱରର ଭିକେ-ଏଆଇସିୱାଇଏଏମ ଠାରେ ସଫଳତାର ସହ ଆଇପି ସ୍ପାର୍କସ କନ୍‌କ୍ଲେଭ ୨୦୨୫ର ଆୟୋଜନ କରାଯାଇଛି । ଚଳିତ ବର୍ଷର ସମ୍ମିଳନୀ ଆନ୍ତର୍ଜାତୀୟ ବିଷୟବସ୍ତୁ "ଆଇପି ଆଣ୍ଡ ମ୍ୟୁଜିକ: ଫିଲ୍ ଦ ବିଟ୍ ଅଫ୍ ଆଇପି' ଉପରେ ପର୍ଯ୍ୟବେସିତ ରହିଥିବା ବେଳେ ଏହା ସୃଜନଶୀଳତା ଓ ସାଂସ୍କୃତିକ ଅଭିବ୍ୟକ୍ତିକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ବୌଦ୍ଧିକ ସମ୍ପତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ହାଇଲାଇଟ କରିବା ପାଇଁ ପ୍ରଖ୍ୟାତ ସାଂସ୍କୃତିକ ବିଶେଷଜ୍ଞ, ଆଇପି ବିଶେଷଜ୍ଞ, ଷ୍ଟାର୍ଟଅପ ପ୍ରତିଷ୍ଠାତା, ଆଇନଜୀବୀ ଓ ଉଦ୍ଭାବକମାନଙ୍କୁ ଏକାଠି କରିଥିଲା। କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ପାତ୍ର ବୌଦ୍ଧିକ ସମ୍ପତିର ସୁରକ୍ଷାର ମହତ୍ୱକୁ ଗ୍ରହଣ କରିବା ପାଇଁ ଉଦ୍ଭାବକ ଓ କଳାକାରଙ୍କୁ ପ୍ରୋତ୍ସାହିତ କରି ଏକ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଓଡିଶାର ପ୍ରସିଦ୍ଧ ଲୋକଗାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏବଂ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି ସାମିଲ ଥିଲେ। ଏହାଛଡା କାର୍ଯ୍ୟକ୍ରମରେ ଲୋକପ୍ରିୟ ଓଡିଆ ସିନେ କଳାକାର ଓ ଓଏଫଡିସିର ପୂର୍ବତନ ଅଧ୍ୟକ୍ଷ ସତ୍ୟବ୍ରତ (କୁନା) ତ୍ରିପାଠୀ, ଓଡିଆ ଗାୟକ ଓ ସଂଗୀତକାର ଶ୍ରୀ ଅଭିଜିତ ମିଶ୍ର, ଭିକେ- ଏଆଇସିୱାଇଏଏମ ଓ ଭିଆରଏମଭିକେ, କନ୍ୟାକୁମାରୀ ଡଃ ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୁନେର ନ୍ୟାଶନାଲ କେମିକାଲ ଲାବୋରେଟୋରୀ ଡଃ ନିତିନ ଶୁକ୍ଳା, ଏନଆରଡିସିର ଡଃ ବିଜୟ କୁମାର ସାହୁଙ୍କ ଭଳି ଜାତୀୟସ୍ତରୀୟ ବିଶେଷଜ୍ଞଙ୍କ ନେତୃତ୍ୱରେ ବୈଷୟିକ ଅଧିବେଶନଗୁଡିକ ଦ୍ୱାରା ସମ୍ମିଳନୀର କାର୍ଯ୍ୟକ୍ରମ ଉନ୍ମୋଚିତ ହୋଇଥିଲା ଯିଏକି ଏକ "ବିକଶିତ ଭାରତ ୨୦୨୪୭" ଗଠନ କରିବାରେ ଆଇପିର ମୌଳିକ ତତ୍ୱ ଓ ଏହାର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। "ଏମ୍‌ପାୱାରମେଣ୍ଟ ଅଫ୍ ଆର୍ଟିଷ୍ଟ ବାଏ ପ୍ରୋଟେକ୍ଟିଂ ଦେୟାର ଆଇପି" ପ୍ରସଙ୍ଗ ଉପରେ ଏକ ପ୍ୟାନେଲ ଆଲୋଚନା ସଙ୍ଗୀତ, ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନଗୁଡିକର ସ୍ୱରକୁ ଏକତ୍ରିତ କରିଥିଲା ଓ ଏକ ସାର୍ଥକ ଆଲୋଚନାକୁ ପ୍ରୋତ୍ସାହିତ କରିଥିଲା। ଏହି ଅବସରରେ ଏଆଇସି-ନାଳନ୍ଦାର ସିଇଓ ଶ୍ରୀ ଦୂର୍ଗା ପ୍ରସାଦ ଗୌଡ କହିଥିଲେ, "ଆଇପି ଓ ଉଦ୍ଭାବନର ସଂସ୍କୃତିକୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକର ମିଳିତ ପ୍ରୟାସ ମାଧ୍ୟମରେ ସଠିକ ଦିଗରେ ବିକଶିତ ଓ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି।" ଶ୍ରୀଯୁକ୍ତ ଗୌଡ ସାମୂହିକ ପ୍ରୟାସ ମାଧ୍ୟମରେ ଉଦ୍ଭାବନ ଇକୋସିଷ୍ଟମକୁ ମଜବୁତ କରିବାର ମହତ୍ୱକୁ ହାଇଲାଇଟ କରିଥିଲେ। ଏହି ସମ୍ମିଳନୀକୁ ଅଟଳ ସାରଥୀ ଅଭିଯାନ ଅଧିନରେ ଅଟଳ ଇନୋଭେଶନ ମିଶନ (ଏଆଇଏମ), ଅଟଳ ଟିଙ୍କରିଂ ଲ୍ୟାବ୍‌ସ (ଏଟିଏଲ), ନ୍ୟାଶନାଲ ରିସର୍ଚ୍ଚ ଡେଭ୍‌ଲପମେଣ୍ଟ କର୍ପୋରେଶନ (ଏନଆରଡିସି), ନ୍ୟାଶନାଲ କେମିକାଲ ଲାବୋରେଟୋରୀ (ଏନସିଏଲ) ପୁନେ ଏବଂ ଇନ୍‌କ୍ୟୁବେଶନ ଫୋରମ ଅଫ ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡିଶା ସହଯୋଗରେ ଆୟୋଜନ କରାଯାଇଥିଲା। ଆଇପି ସ୍ପାର୍କସ କନ୍‌କ୍ଲେଭ ୨୦୨୫ ଏକ ସମ୍ବର୍ଦ୍ଧନା ଉତ୍ସବ ସହ ଉଦ୍‌ଯାପିତ ହୋଇଥିଲା ଯେଉଁଥିରେ କଳା, ସଂସ୍କୃତି ଓ ଉଦ୍ଭାବନ କ୍ଷେତ୍ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କର ବହୁମୂଲ୍ୟ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟରର ୫୬ତମ ବାର୍ଷିକୋତ୍ସବ "ସମ୍ବର୍ଦ୍ଧନମ୍ - ୨୦୨୫" ପାଳିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସ୍ଥାନୀୟ ଆଇଆଇଏମ୍‌ଟି ଅଡ଼ିଟୋରିୟମ ଠାରେ ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟରର ୫୬ତମ ବାର୍ଷିକୋତ୍ସବ "ସ ମ୍ବର୍ଦ୍ଧନମ୍ - ୨୦୨୫" ପାଳିତ ହୋଇଯାଇଅଛି। ଏହି ଉତ୍ସବରେ ସୂର୍ଯ୍ୟବଂଶୀ ସୁରୁଜ ମାନ୍ୟବର ରାଜ୍ୟ ମନ୍ତ୍ରୀ, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି, ଉଚ୍ଚ ଶିକ୍ଷା କ୍ରୀଡ଼ା ଏବଂ ଯୁବ ସେବା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ ନିଜର ବକ୍ତବ୍ୟରେ ଚାପ୍ଟରର ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହିତ ଚାପ୍ଟରକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପାଇଁ ଜମି ଯୋଗାଇ ଦେବା ପାଇଁ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦାମୋଦର ମିଶ୍ର, ଗଗନ ବିହାରୀ ସ୍ୱାଇଁ, ବରଦା ପ୍ରସନ୍ନ ନାୟକ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଅବିନାଶ ପୋଟ୍‌ନି ଏବଂ ଶରତ କୁମାର ବେହେରା ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହା ସହିତ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସ ୀ ।ନୀତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଏଠାରେ ଏକ ରକ୍ତଦାନ ଶିବିରର କାର୍ଯ୍ୟକ୍ରମ କରାଯାଇଥିଲା। ଯେଉଁଥିରେ ପାଖାପାଖି ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସର୍ବଶେଷରେ ଏହି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏକାମ୍ର ନିର୍ବାଚନ ମଣ୍ଡଳୀରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଲେ ମନ୍ତ୍ରୀ ରବି ନାରାୟଣ ନାୟକ ଓ ବିଧାୟକ ବାବୁ ସିଂ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟାଳୟ ରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ଏ୍ଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍'ର ୧୨୧ତମ ସଂସ୍କରଣ ଶୁଣିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ମନ କି ବାତ" କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଦୁଃଖ ଦେଇଛି । ଆତଙ୍କବାଦୀଙ୍କ ବିରୋଧରେ ସାରା ଦେଶ ଏକାଠି ହୋଇଛି। ଉଭୟ ଆକ୍ରମଣକାରୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ପଞ୍ଚାୟତ ରାଜ ଓ ପାନୀୟ ଜଳ ଏ୍ଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ମନ୍ କି ବାତ୍ କେବଳ ଏକ ସଂଳାପ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ଯାହା ଦେଶବାସୀଙ୍କ ଭାବନା, ସ୍ୱପ୍ନ ଓ ସଂକଳ୍ପକୁ ଦିଗଦର୍ଶନ ଦିଏ ଏବଂ ଆମ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ନିରନ୍ତର ପ୍ରେରଣା ଯୋଗାଏ ବୋଲି ବିଧାୟକ ବାବୁ ସିଂ କହିଛନ୍ତି। ଏହି ଅବସରରେ କର୍ପୋରେଟର ମଧୁସ୍ମିତା ପ୍ରଧାନ, ରାମ ଚନ୍ଦ୍ର ରଣସିଂହ, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ ନିରୁପମା ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ସୁରିୟକାନ୍ତ ସାହୁ, ମନୋଜ ପାତ୍ର, ସ୍ଥାନୀୟ ନେତୃତ୍ୱ ତାପସ ଦଳାଇ,ସୁଭାଷିନୀ ପୃଷ୍ଟି, ଧିରେନ ପାତ୍ର,ସୁରେନ୍ଦ୍ର ପ୍ରଧାନ , ସୁମିତ୍ରା ଆଚାର୍ଯ୍ୟ, ବିନ୍ଦୁଲତା ବଳିୟାରସିଂ, କେଦାର ରଣସିଂ, ସବିତା ପଟ୍ଟନାୟକ ଙ୍କ ସମେତ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଜନତା ମଇଦାନରେ ଚାଲିଥିବା କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ୍ ଡେକୋର ଏକ୍ସପୋରେ ଗୃହ ଆଶାୟୀଙ୍କ ଆକର୍ଷିତ କରୁଛି



**ଭୁବନେଶ୍ୱର,(ଡିକେ ନ୍ୟୁଜ):** କ୍ରେଡାଇ ଓଡ଼ିଶାର ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ରେ ରାଜ୍ୟର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗ ଦେଇ ସମର୍ଥନ ଜଣାଇଛନ୍ତି। ଏପ୍ରିଲ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ନବମ ଦିନରେ ପ୍ରବେଶ କରିଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଚମତ୍କାର ପରିବେଷଣ ଆସିଥିବା ଦର୍ଶକ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ତେବେ ରବିବାର ଥିବାଯୋଗୁଁ ଘର ପାଇଁ ଆଶାୟୀ ଓ ସାଜସଜ୍ଜାର ବିକଳ୍ପ ବୁଝିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଅସୀମା ତାଙ୍କ ହିଟ୍ ନମ୍ବରରେ ଦର୍ଶକଙ୍କୁ ଆକର୍ଷିତ କରନ୍ତି, ଯାହା ଏକ୍ସପୋରେ ସାଂସ୍କୃତିକ ରଙ୍ଗ ଯୋଡିଥାଏ । ଏପ୍ରିଲ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୧୦ ଦିନିଆ ମହୋତ୍ସବକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିବା ବେଳେ ଏପର୍ଯ୍ୟନ୍ତ ୧୨ ହଜାରରୁ ଅଧିକ ଦର୍ଶକ ପରିଦର୍ଶନ କରିଛନ୍ତି। ଏହି ଏକ୍ସପୋ ସମ୍ଭାବ୍ୟ ଘର ମାଲିକ ଏବଂ ନିବେଶକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି କରିଛି, ଯାହା ନୂତନ ଫ୍ଲାଟ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ ସୃଷ୍ଟି କରିଛି । ଏକ୍ସପୋ ଅଗ୍ରଣୀ ବିଲଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଫାର୍ମ, ଇଣ୍ଟେକ୍ଷପ୍ସ;ରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠି କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଆଶାୟୀ ଘର ମାଲିକ, ରିଅଲ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନ୍ ପେସାଦାରମାନଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଜୀବନଶୈଳୀ ଉଦ୍ଭାବନରେ ଅତ୍ୟାଧୁନିକ ପ୍ରଦର୍ଶନ କରାଯାଇଛି।

# ଶୈଳବାଳାରେ ଗବେଷଣାତ୍ମକ ସମ୍ମିଳନୀ

**କଟକ,(ଡିକେ ନ୍ୟୁଜ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଗବେଷଣାତ୍ମକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଡଃ ବନ୍ଦନା ପାଠକ, ଡଃ ସ୍ୱପ୍ନ ଶଙ୍କର ନାୟକ ଏହାକୁ ଉଦଘାଟନ କରିଥିଲା ବେଳେ ଡଃ ପ୍ରୀତି ପ୍ରଜ୍ଞା ରାୟ ଓ ଡଃ କବିରାଜ ବେହେରା ବିଗ୍ଭରକ ଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ପଚ୍ଚଶରୁ ଊର୍ଦ୍ଧ୍ୱ ଗବେଷକ ସେମାନଙ୍କର ସଂଦର୍ଭ ପାଠ କରିଥିଲେ ଓ ସେଗୁଡିକର ମୂଲ୍ୟାୟନ କରାଯାଇଥିଲା। ଅପରାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ବିଚିତ୍ରା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା କାଉନ୍ସିଲର ସଭ୍ୟ ଡଃ ପ୍ରଦୀପ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଗବେଷକଙ୍କ ସମ୍ମାଡିତ କରିଥିଲେ। ଅତିଥି ମାନେ ଓଡିଶାରେ କୌଣସି ମହାବିଦ୍ୟାଳୟ ଦ୍ୱାରା ପ୍ରଥମ କରି ଆୟୋଜିତ ଏଭଳି ସମ୍ମିଳନୀର ଭୂୟସୀ ପ୍ରଶଂସା କରିଥିଲେ। ଡଃ ପ୍ରଶାନ୍ତ କୁମାର ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗବେଷଣା ବିଭାଗର ପ୍ରମୁଖ ଡଃ ଅନିରୁଦ୍ଧ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଯୋଗ ଦେଇଥିଲେ।

# ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନ ପକ୍ଷରୁ ସମ୍ପାଦକ ସମ୍ମିଳନୀ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନ, ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ପ୍ରଥମ ସମ୍ପାଦକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଯାହା ଶିକ୍ଷାନୁଷ୍ଠାନ ଓ ଗଣମାଧ୍ୟମ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ। ଏହି ସମ୍ମିଳନୀରେ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକମାନେ ଯୋଗଦେଇ ସାମ୍ବାଦିକତାର ବିକଶିତ ଦୃଶ୍ୟପଟ ଉପରେ ଅର୍ନ୍ତଦୃଷ୍ଟିପୂର୍ଣ୍ଣ ଆଲୋଚନା କରିଥିଲେ। ୟୁନିଭରସିଟିର ଭୁବନେଶ୍ୱର କ୍ୟାମ୍ପସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଦୁଇଟି ବିଷୟବସ୍ତୁ ଯଥା "ଗଣମାଧ୍ୟମର ପରିବର୍ତ୍ତନ : ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ" ଏବଂ "ମିଡିଆ ସ୍ୱାଧୀନତାର ଭବିଷ୍ୟତ-କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ" ଉପରେ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନାରେ ସାମିଲ ହେବା ପାଇଁ ଏକ ମଞ୍ଚ ଯୋଗାଇଥିଲା। ଏହି ସମ୍ମିଳନୀରେ ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଧରିତ୍ରୀ ଓ ଓଡିଶା ପୋଷ୍ଟର ସମ୍ପାଦକ ତଥାଗତ ଶତପଥୀ, ଓଡିଶା ଲାଇଭର ସମ୍ପାଦକ ଓ ସିଇଓ ତଥା ଇଟିଭି ନେଟୱାର୍କର ପୂର୍ବତନ ସମ୍ପାଦକ ନୀଳାମ୍ବର ରଥ, ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ତଥା ଆଉଟ୍‌ଲୁକ୍‌ର ପୂର୍ବତନ ମୁଖ୍ୟ ସମ୍ପାଦକ ରୁବେନ ବାନାର୍ଜୀ, ବିବିସି ନ୍ୟୁଜ୍‌ର ଡିଜିଟାଲ କଣ୍ଟେଣ୍ଟ୍ ସମ୍ପାଦକ ସର୍ବପ୍ରିୟା ସାଙ୍ଗୱାନ୍, ନ୍ୟୁଜ୍ ରୁମ୍‌ର ପ୍ରତିଷ୍ଠାତା ଏବଂ ଓଟିଭି ଓ କନକ ନ୍ୟୁଜ୍‌ର ପୂର୍ବତନ ସମ୍ପାଦକ ମନୋରଞ୍ଜନ ମିଶ୍ର, ଏମ୍‌ବିସି ଟେଲିଭିଜନ ସମ୍ପାଦକ ଡଃ ଅଶୋକ କୁମାର ପଣ୍ଡା, ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଟ୍ଟମିଶ୍ର ପ୍ରମୁଖ ଯୋଗଦେଇ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ତାଙ୍କର ଅଭିଜ୍ଞତା ଓ ଅର୍ନ୍ତଦୃଷ୍ଟି ବାଣ୍ଟିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନର ଡିନ୍ ଶିବ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ "ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରଛାତ୍ରୀଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଏବଂ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ। ବିର୍ଲାସ୍କୁଲ ଅଫ୍ କମ୍ୟୁନିକେସନର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଜ୍ଞାନରଞ୍ଜନ ମିଶ୍ରଙ୍କ ଉଦ୍‌ଯାପନୀ ମନ୍ତବ୍ୟ ସହିତ ସମ୍ମିଳନୀ ସମାପ୍ତ ହୋଇଥିଲା। ବିଜିୟୁ କୁଳପତି ପ୍ରଫେସର କୁଳଭୁଷଣ ବାଲୁନି ଏବଂ ରେଜିଷ୍ଟ୍ରାର ବି.କେ ଦାସ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ ଓ ଡଃ ମେହୁଲ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ।

## ସଂପାଦକୀୟ

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ । ଓଡ଼ିଆ ଜାତୀୟ ଚେତନା, ଭାଷା ଆନ୍ଦୋଳନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ଓଡ଼ିଆ ଅସ୍ମିତା ଓ ତାଙ୍କରି ସ୍ୱାଭିମାନର ଚିନ୍ତା ଚେତନା ବିନା ଏ ରାଜ୍ୟର କୌଣସି ପ୍ରଗତି ସମ୍ଭବ ବି ନୁହେଁ।

**ବାଦଲ ଭୂୟାଁ**

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଆତଙ୍କବାଦ ବିରୁଦ୍ଧରେ ଏବେ ଏକାଠି ହେବାର ସମୟ

**ରାମ ମାଧବ**

ନିଜ ସ୍ୱାର୍ଥକୁ ଆଘାତ ଦେଇ ମଧ ଭାରତକୁ ଯୁଦ୍ଧ ଓ ଆତଙ୍କବାଦର ମାରାତ୍ମକ କାର୍ଯ୍ୟକଳାପ ଅଧୀନରେ ରଖିବାକୁ ଚାହୁଁଥିବା ପାକିସ୍ତାନକୁ ଆମେ କେମିତି ମୁକାବିଲା କରିବା ? ଏହାର କୌଣସି ସହଜ ଉତ୍ତର ନାହିଁ।

ଭାରତ ସରକାର ଅନେକ ବିକଳ୍ପ ଚେଷ୍ଟା କରିଛନ୍ତି। ଆମେ ବାରମ୍ବାର ପାକିସ୍ତାନ ସହ ବନ୍ଧୁତା କରିବାକୁ ଚାହୁଁଥିଲୁ। ୧୯୬୫, ୧୯୭୧ ଓ ୧୯୯୯ରେ ଆମେ ତିନୋଟି ବଡ଼ ଯୁଦ୍ଧ ଲଢ଼ିଥିଲୁ। ଆମେ ତିନୋଟି ଯାକ ଯୁଦ୍ଧରେ ଏହାକୁ ପରାସ୍ତ କରିଥିଲୁ ଏବଂ ୧୯୭୧ ଯୁଦ୍ଧରେ ପାକିସ୍ତାନ ଖଣ୍ଡବିଖଣ୍ଡିତ ହୋଇଥିଲା। ଡିସେମ୍ବର ୨୦୦୧ରେ ସଂସଦ ସମେତ ଭାରତୀୟ ସହରରେ ଆକ୍ରମଣ କରିବା ପାଇଁ ଆତଙ୍କବାଦୀଙ୍କୁ ବ୍ୟବହାର କରି ପ୍ରୋକ୍ସି ଯୁଦ୍ଧ ଆରମ୍ଭ କରିବା ପରେ ଆମେ ଆମ ସେନାକୁ ଆଉ ଏକ ଯୁଦ୍ଧ ପାଇଁ ପ୍ରସ୍ତୁତ କରିଥିଲୁ। ପାକିସ୍ତାନର ଭୟଙ୍କର ଆତଙ୍କବାଦକୁ ପଦାରେ ପକାଇବା ପାଇଁ ଏକ ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ କରିଥିଲୁ ଏବଂ ବିଗତ ବର୍ଷଗୁଡ଼ିକରେ ସୀମିତ ନିୟନ୍ତ୍ରଣ ରେଖା ଅତିକ୍ରମ ଏବଂ ସୀମାପାର ଆକ୍ରମଣ ମଧ କରିଥିଲୁ।

୨୦୧୪ରେ କ୍ଷମତାକୁ ଆସିବା ପରେ ଜମ୍ମୁ-କଶ୍ମୀର ରାଜ୍ୟ ପ୍ରଶାସନ ସହାୟତାରେ ନରେନ୍ଦ୍ର ମୋଦି ସରକାର ନିଷ୍ଠାର ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ଶେଷ କରିବା ପାଇଁ ଦୃଢ ପରିକର ଥିଲେ। ବୁରହାନ ୱାନିକୁ ନିପାତ କରିବା ଘଟଣାରେ ଲସ୍କର-ଇ-ତୋଏବା ଓ ଜୈଶ-ଇ-ମହମ୍ମଦ ଭଳି ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ କିଛି ସମୟ ପାଇଁ ଜନହିଂସା ଓ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସରକାର ଆଖି ବୁଜିଲେ ନାହିଁ। ବରଂ ଧାରା ୩୭୦ ଉଚ୍ଛେଦ ଓ ୨୦୧୯ରେ ଜମ୍ମୁ କଶ୍ମୀରକୁ କେନ୍ଦ୍ର ଶାସନ ଅଧୀନରେ ଆଣିବା ଭଳି ପଦକ୍ଷେପ ନିଆଯାଇଥିଲା। ଗତ ୧୦ ବର୍ଷ ମଧ୍ୟରେ କଶ୍ମୀରରେ ଆତଙ୍କବାଦୀଙ୍କ ଗଡ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଯେଉଁଥିରେ ଏକାଧିକ ସଂଗଠନକୁ ନିଷିଦ୍ଧ କରିବା ଏବଂ ଅତ୍ୟଧିକ ଆର୍ଥିକ ଏବଂ ବେସାମରିକ ସହାୟତା ବ୍ୟବସ୍ଥାକୁ ଉଚ୍ଛେଦ କରିବା ଅନ୍ତର୍ଭୁକ୍ତ ଥିଲା। ତା ସତ୍ତ୍ୱେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ପୁନର୍ବାର ସାମ୍ନାକୁ ଆସିବାରେ ସକ୍ଷମ ହୋଇ ଆସିଛନ୍ତି।

ଗୋଟିଏ ପଟେ ସୁରକ୍ଷା ବାହିନୀର ଦୃଢ ଉପସ୍ଥିତି ଏବଂ ଅନ୍ୟପଟେ ସୁଶାସନ ପଦକ୍ଷେପ ଯୋଗୁଁ ଆତଙ୍କବାଦୀ ସଂଗଠନମାନଙ୍କ ପାଇଁ ସ୍ଥାନୀୟ ନିଯୁକ୍ତି ଢେର ପରିମାଣରେ ହ୍ରାସ ପାଇଛି। କିଛି ବର୍ଷ ତଳେ ଏମିତି ଏକ ସମୟ ଥିଲା, ଯେତେବେଳେ ପ୍ରତିବର୍ଷ ଶହ ଶହ ଯୁବକ ଆତଙ୍କବାଦୀ ସଂଗଠନରେ ସାମିଲ ହେଉଥିଲେ।

ରିପୋର୍ଟରୁ ଜଣାପଡିଛି ଯେ ୨୦୨୪ରେ ମାତ୍ର ଛରି ଜଣ ସ୍ଥାନୀୟ ଲୋକ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ। ସ୍ଥାନୀୟ ସମର୍ଥନର ଏହି ଅଭାବ ସୀମାପାର ସଂଗଠନ ନେତାମାନଙ୍କୁ ରଣନୀତି ପରିବର୍ତ୍ତନ କରିବାକୁ ବାଧ୍ୟ କରିଥିଲା। ଲସ୍କର-ଏ-ତୋଇବାର ପ୍ରୋକ୍ସି 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ୍) ଏବଂ ଜୈସ୍-ଇ-ମହମ୍ମଦର ପ୍ରୋକ୍ସି ପିପୁଲ୍ସ ଆଣ୍ଟି ଫାସିଷ୍ଟ ଫ୍ରଣ୍ଟ୍ (ପିଏଏଫ୍ଏଫ୍) ଭଳି ନୂଆ ସଂଗଠନକୁ ଧର୍ମନିରପେକ୍ଷ ନାମରେ ତିଆରି କରାଯାଇଥିଲା, ଯାହା ପାକିସ୍ତାନକୁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସର ଯାଞ୍ଚରୁ ବର୍ତ୍ତିବାରେ ସାହାଯ୍ୟ କରିଥିଲାୟ

ଫେବୃଆରୀ ୨୦୧୯ରେ ପୁଲୱାମା ଆତ୍ମଘାତୀ ଆକ୍ରମଣ, ଯେଉଁଥିରେ ୪୦ରୁ ଅଧିକ ସିଆରପିଏଫ ଯବାନ ସହିଦ ହୋଇଥିଲେ, ଜୈଶ ଏବଂ ଏହାର ସହଯୋଗୀଙ୍କ ଶେଷ ମାରାତ୍ମକ କାର୍ଯ୍ୟ ଥିଲା। ଏହାପରେ ନୂଆ ସଂଗଠନମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସୁରକ୍ଷାବାହିନୀ ଓ ସାଧାରଣ ନାଗରିକଙ୍କ ଉପରେ ଏକାକୀ ଢଙ୍ଗରେ ଆକ୍ରମଣ କରିବା ଆରମ୍ଭ କରିଥିଲେ।

କୋଭିଡ୍ ସମୟରେ ଏହି ଆକ୍ରମଣ ବିକ୍ଷିପ୍ତ ଭାବେ ଜାରି ରହିଥିଲା। କିନ୍ତୁ ୨୦୨୩-୨୦୨୪ରେ ଏହି ଗୋଷ୍ଠୀମାନେ ମୁଖ୍ୟତଃ ଜମ୍ମୁ ଅଞ୍ଚଳରେ ଅନେକ ଆକ୍ରମଣ କରିଥିଲେ। ଚଳିତ ବର୍ଷ ପହଲଗାମ ବଡ଼ ଆକ୍ରମଣ ବୋଲି ଟିଆରଏଫ ଦାବି କରିଛି।

ପହଲଗାମ ଆକ୍ରମଣର ବର୍ବରତା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତାଙ୍କ ପରିବାର ପ୍ରତି ଆମର ହୃଦୟଭରା ସମବେଦନା। ଏଥିପାଇଁ ସରକାରଙ୍କ ପକ୍ଷରୁ କଠୋର ପ୍ରତିଶୋଧ ନେବାକୁ ଦାବି ହେଉଛି। ଆମର ଜଣେ ମହାନ ଗୁପ୍ତଚର ବି ରମଣ କହୁଥିଲେ ଯେ ଆତଙ୍କବାଦୀଙ୍କୁ କେବଳ ଥରେ ସଫଳ ହେବାକୁ ଦିଆଯିବା ଦରକାର କିନ୍ତୁ ଏଜେନ୍ସିଗୁଡ଼ିକୁ ସବୁବେଳେ ସଫଳ ହେବାକୁ ପଡିବ। ପହଲଗାମ ଆତଙ୍କବାଦୀଙ୍କ ପାଇଁ ଏଭଳି ଏକ ଦିନ ଥିଲା। ଏହା ଆମର ବ୍ୟବସ୍ଥାରେ ଥିବା ତ୍ରୁଟି ଏବଂ ବିଚ୍ୟୁତି ବିଷୟରେ ଆମକୁ ଜାଗ୍ରତ କରିବା ଉଚିତ।

ପହଲଗାମରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ଅନେକ ସ୍ଥାନୀୟ ଲୋକ ଆଗେଇ ଆସିଥିବା କଥା ସତ, କିନ୍ତୁ ଏହା ମଧ ସତ୍ୟ ଯେ କିଛି ସ୍ଥାନୀୟ ସଂପୃକ୍ତି ବିନା ଏତେ ବଡ଼ ଘଟଣା ସମ୍ଭବ ନୁହେଁ। ସେହି ଦୃଷ୍ଟିରୁ ଆମ ସୁରକ୍ଷା ଏଜେନ୍ସିଗୁଡ଼ିକର ମାନବିକ ଏବଂ ବୈଷୟିକ ଗୁଇନ୍ଦା କ୍ଷମତାକୁ ଆହୁରି ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଅସୀମ ମୁନିରଙ୍କ ଭଳି ଜଣେ ହାର୍ଡକୋର ଇସଲାମିକ ପାକିସ୍ତାନ ସେନାରେ ଦାୟିତ୍ୱ ତୁଲାଉଥିବାରୁ ଆମ ସୁରକ୍ଷା ପ୍ରତିଷ୍ଠାନକୁ ଅଧିକ ସତର୍କତା ଓ ସତର୍କତାର ଆବଶ୍ୟକତା ରହିଛି।

କାଶ୍ମୀରରେ ଆତଙ୍କର ଉତ୍ଥାନ-ପତନ ଦେଖିବାକୁ ମିଳିଛି। ଆମ ସୁରକ୍ଷା ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ଯୋଗୁଁ ଗତ କିଛି ବର୍ଷ ମଧ୍ୟରେ ଆତଙ୍କବାଦ ହ୍ରାସ ପାଇଛି। ଗତ ଦଶନ୍ଧିରେ ୪୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିବା ବେଳେ କେବଳ ୨୦୨୩ରେ ୭୨ ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି। ଆତଙ୍କବାଦୀ ଘଟଣା ମଧ ୨୦୧୮ରେ ୨୨୮ଥିବା ବେଳେ ୨୦୨୪ରେ ଏହା ୨୦ରୁ କମ୍ ହୋଇଛି। ୨୦୧୮ରେ ସାଧାରଣ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୫୫ଥିବା ବେଳେ ୨୦୨୩ରେ ଏହା ୧୩କୁ ହ୍ରାସ ପାଇଛି। କୌଣସି ସ୍ଥାନୀୟ ନିଯୁକ୍ତି ହୋଇନଥିବାରୁ ବର୍ତ୍ତମାନର ଆକଳନ ଅନୁଯାୟୀ ୭୬ ଜଣ ସକ୍ରିୟ ଆତଙ୍କବାଦୀଙ୍କ ମଧ୍ୟରୁ ପ୍ରାୟ ୬୦ ଜଣ ପାକିସ୍ତାନୀ।

ଉଲ୍ଲେଖ କରିବାର କଥା ଯେ, ଲୋକଙ୍କ ସମର୍ଥନ ବିନା ଆତଙ୍କବାଦ ବିରୋଧରେ ଲଢ଼େଇ ସଫଳ ହେବ ନାହିଁ। କାଶ୍ମୀରବାସୀଙ୍କୁ ଏବେ ଉପତ୍ୟକାରୁ ବିପଦର ଅବଶିଷ୍ଟ ଚିହ୍ନସବୁ ଦୂର କରିବା ପାଇଁ ସରକାରଙ୍କ ସହ ସମ୍ପୂର୍ଣ୍ଣ ଭାବେ ଠିଆ ହେବାକୁ ସଂକଳ୍ପ ନେବାକୁ ପଡ଼ିବ। କାଶ୍ମୀରର ୩୦ ପ୍ରତିଶତରୁ ଅଧିକ କର୍ମଚାରୀ ପର୍ଯ୍ୟଟନ ଉପରେ ନିର୍ଭର କରନ୍ତି, ଯାହା କେନ୍ଦ୍ରଶାସିତ ଅଞ୍ଚଳର ଜିଡିପିର ପ୍ରାୟ ୧୦ ପ୍ରତିଶତ।

ପହଲଗାମ ଘଟଣା ମାଧ୍ୟମରେ ଆତଙ୍କବାଦୀମାନେ ପ୍ରମାଣିତ କରିଛନ୍ତି ଯେ କାଶ୍ମୀରବାସୀଙ୍କ ରୋଜଗାର ପ୍ରତି ସେମାନଙ୍କର କୌଣସି ଚିନ୍ତା ନାହିଁ। ଏହା ଅଧିକାଂଶ କାଶ୍ମୀରବାସୀଙ୍କ ବିବେକକୁ ଦୋହଲାଇ ଦେଇଛି, ଯେଉଁମାନେ ଏହି ଘଟଣାକୁ ବିରୋଧ କରିବା ପାଇଁ ବହୁ ସଂଖ୍ୟାରେ ବାହାରି ଆସିଥିଲେ। ଅନେକ ଜଣାଶୁଣା କୋମଳ ବିଚ୍ଛିନ୍ନତାବାଦୀ ସ୍ୱର ଓ ସଂଗଠନ ମଧ ମହମବତୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ଦେଖି ଖୁସି ଲାଗୁଛି। ବାସ୍ତବରେ ପହଲଗାମ ଘଟଣା ରାଜ୍ୟର ପର୍ଯ୍ୟଟନକୁ ଗୁରୁତର ଭାବେ ପ୍ରଭାବିତ କରିବ।

କିନ୍ତୁ ଏହି ଆନ୍ଦୋଳନ ବିରୋଧ ଓ ଶୋଭାଯାତ୍ରା କେବଳ ପର୍ଯ୍ୟଟକଙ୍କୁ ଫେରିବା ପାଇଁ ଆଶ୍ୱାସନା ଦେବାରେ ସୀମିତ ରହିବା ଉଚିତ ନୁହେଁ। କାଶ୍ମୀର ସମାଜର ସେହି ସବୁ ଅବଶିଷ୍ଟ ତତ୍ତ୍ୱଗୁଡ଼ିକୁ ଅଲଗା କରିବା ଏବଂ ପ୍ରତ୍ୟାଖ୍ୟାନ କରିବା ପାଇଁ ଆନ୍ତରିକ ପ୍ରୟାସ ହେବା ଉଚିତ, ଯେଉଁମାନେ ବେଳେବେଳେ ବେପରୁଆ ବୟାନବାଜି ଜାରି ରଖିଛନ୍ତି ଓ ଯାହା ଆତଙ୍କବାଦୀଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରୁଛି।

ଉଦାହରଣ ସ୍ୱରୂପ, କେନ୍ଦ୍ରଶାସିତ ଅଞ୍ଚଳର ଶାସକ ଦଳର ଜଣେ ବରିଷ୍ଠ ନେତା ଚଳିତ ବର୍ଷ ପ୍ରାରମ୍ଭରେ କହିଥିଲେ ଯେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି କଶ୍ମୀର ଉପରେ ଏକ ସାଂସ୍କୃତିକ ଆକ୍ରମଣ। ପର୍ଯ୍ୟଟକମାନେ କଶ୍ମୀର ପାଇଁ ଜନସଂଖ୍ୟା ପ୍ରତି ବିପଦ ବୋଲି ସମାନ ମିଥ୍ୟା ଯୁକ୍ତି ଉପରେ ଟିଆରଏଫ ମଧ ପହଲଗାମ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା।

ଦେଶ ପାଇଁ ଆଗକୁ ଯିବାର ବାଟ ହେଉଛି କାଶ୍ମୀରବାସୀଙ୍କୁ ପ୍ରାଇମଟାଇମ୍ ଟିଭି ସୋ'ରେ ଦୈନିକ ଦେଶଭକ୍ତି ପରୀକ୍ଷା କରାଇବା ନୁହେଁ କି ଦେଶର ବିଭିନ୍ନ ସହର ଓ ସହରରେ ସେମାନଙ୍କୁ ହଇରାଣ କରିବା ବି ନୁହେଁ। ବରଂ ସରକାର ଯେଉଁଭଳି ବିଚ୍ଛିନ୍ନତାବାଦରୁ ଦୂରେଇ ଅଧିକରୁ ଅଧିକ କାଶ୍ମୀରବାସୀଙ୍କୁ ମନ ଜିଣିପାରିଠାଲେ ସେହିଭଳି ଏହି ପ୍ରକ୍ରିୟାକୁ କିପରି ସମ୍ପୂର୍ଣ୍ଣ କରାଯିବ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

ବିଶ୍ୱର ସମଗ୍ର ନେତୃତ୍ୱ ଭରତ ପଛରେ ଠିଆ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କୁ ପୃଥିବୀର ଶେଷ ଇଲାକା ପର୍ଯ୍ୟନ୍ତ ଅନୁସରଣ କରାଯିବ ଏବଂ ଦଣ୍ଡିତ କରାଯିବ। ମୋଦି କେବଳ 'କଥାର ମଣିଷ' ନୁହଁନ୍ତି, ବରଂ ଜଣେ 'କର୍ମର ମଣିଷ'।

ପ୍ରବନ୍ଧର ପ୍ରାରମ୍ଭରେ ମୁଁ ଉଠାଇଥିବା ପ୍ରଶ୍ନର ଏହା ହିଁ ଉତ୍ତର।

**(ଲେଖକ ଇଣ୍ଡିଆ ଫାଉଣ୍ଡେସନର ଅଧ୍ୟକ୍ଷ ଓ ବିଜେପି ସହିତ ଅଛନ୍ତି)**

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ



ଅକ୍ଷୟ କୁମାର ରାଉତ

ଷୋଡଶ ଶତାବ୍ଦୀର ମଧ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତ୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା।

ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ।। ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ରେ ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।

ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ। ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ। ଏଥିପାଇଁ ଜନ୍ ବିମ୍‌ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ ।

ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା ।

୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା। ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା ।

ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ ପଡିଥିଲା ।

ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଃଖ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ ।



ଜୀବନର ଅନ୍ତିମ ମୁହୂର୍ତ୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭାଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ ।

ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା।

ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରିଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର,**
**ମୋ.ନଂ- ୯୯୩୭୬୯୧୪୭୫**

### ଲାଞ୍ଜିଗଡ ଅଞ୍ଚଳରେ ଦାଦନ ଦୁଃଖ

## କେରଳରୁ ପୁଣି ଫେରିଲା ଦାଦନ ଶ୍ରମିକଙ୍କ ମୃତ୍ୟୁଦେହ

**କଳାହାଣ୍ଡି,(ଡିକେ ନ୍ୟୁଜ):** ଲାଞ୍ଜିଗଡ ଅଞ୍ଚଳରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ିବା ସମେତ ଅନେକ ସମୟରେ ଦାଦନଙ୍କ ମୃତ୍ୟୁ ଘଟୁଛି । ଦୁଇ ମାସ ତଳେ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପେଟ ଗାଁର ଜଣେ ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇ ଥିଲା ଆନ୍ଧ୍ରାପ୍ରଦେଶ ବିଶାଖାପାଟଣାରେ। ତେବେ ଲାଞ୍ଜିଗଡ ଅଞ୍ଚଳରେ ପୁଣି ଦୁଇ ମାସ ବ୍ୟବଧାନରେ ଆଉ ଜଣେ ଦାନନ ଶ୍ରମିକଙ୍କ ମୃତ ଦେହ ଗାଁକୁ ପହଞ୍ଚିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପରିବାର ପ୍ରତିପୋଷଣ ପାଇଁ କେରଳ ରାଜ୍ୟ ଆଙ୍ଗାମାଳି ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ବେନଗାଁ ପଞ୍ଚାୟତ ଅନ୍ତର୍ଗତ ବରାପାଲି ଗାଁର ଯୁବକ କାଳିବାବୁ ହରିଜନ (୪୫)ଙ୍କ ବୁଧବାର ସେଠାରେ ମୃତ୍ୟୁ ଘଟିଛି । ମୃତ୍ୟୁ ଖବର ଜାଣିବାପରେ ପରିବାର ଲୋକେ ମରଶରୀର ଆଣିବା ପାଇଁ ପ୍ରଶାସନ ନିକଟରେ ଗୁହାରି କରିବା ସହ ଆର୍ଥିକ ସହାୟତା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ସୂଚନା ଅନୁସାରେ କାଳିବାବୁ ହରିହନ ଏକ ବର୍ଷ ହେଲା କେରଳର ଆଙ୍ଗାମାଳି ଜିଲ୍ଲାକୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ହେଲେ କୌଣସି କାର୍ଯ୍ୟ ପାଇଁ ରାସ୍ତାରେ ଚାଲିଯାଉଥିବା ସମୟରେ ପଛପଟୁ ଏକ ସରକାରୀ ବସ ଧକା ଦେଇଥିଲା ଯାହାଫଳରେ ୨୩ ଏପ୍ରିଲ ବୁଧବାର ଦିନ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ତେବେ ନିଜ ଜନ୍ମମାଟି ବରାପାଲି ଗାଁକୁ ଶନିବାରରେ ମରଶରୀର ପହଞ୍ଚିବା ପରେ ଗାଁ ମଶାଣିରେ ପରିବାର ଲୋକେ ଶୋକାକୁଳ ପରିବେଶରେ ଶବ ସତ୍କାର କରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। ପରିବାର କହିଲେ ସ୍ତ୍ରୀ ସମେତ ଦୁଇ ପୁଅ ଝିଅ ରହିଥିବା ବେଳେ ଏବେ ପରିବାର ପ୍ରତିପୋଷଣ ପାଇଁ ମସ୍କୁଲ ହୋଇପଡିଛି। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସ୍ତ୍ରୀ ଧନଦେଇ ହରିଜନ ପ୍ରଶାସନ ନିକଟରେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଆକୁଳ ନିବେଦନ କରୁଛନ୍ତି। ତେବେ ଲାଞ୍ଜିଗଡ ଅଞ୍ଚଳରେ ବାରମ୍ବାର ଏହି ଭଳି ଦାଦା ଶ୍ରମିକଙ୍କ ମୃତ୍ୟୁ ଘଟୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶିଳ୍ପ କରିଡର ମାନଚିତ୍ରରେ ଖୃଣ୍ଡା ପଞ୍ଚାୟତ : ପାଣି ପାଇଁ ଲୋକେ ହାହାକାର

**ସମ୍ବଲପୁର, କୁଜଙ୍ଗ,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲାର ଖୃଣ୍ଡା ପଞ୍ଚାୟତରେ ୯୦ ଦଶକରେ ସମ୍ବଲପୁର ଜିଲ୍ଲାର ଶିଳ୍ପାୟନର ପ୍ରଥମ ମୂଳଦୁଆ ପଡି ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ମାଟି ଖୃଣ୍ଡାରେ କୋଇଲା ଖଣି ଖନନ ଆରମ୍ଭ ହୋଇଥିଲା। ଖଣିର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଛି। ତେବେ ବିଡମ୍ବନାର ବିଷୟ ଯେ ପୂର୍ବରୁ ହୀରାକୁଦ ନଦୀବନ୍ଧ ଯୋଜନା ଓ ପରେ କୋଇଲା ଖଣି ଯୋଗୁଁ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ହୋଇଥିବା ଖୃଣ୍ଡା ପଞ୍ଚାୟତ ଅଧିବାସୀ ପାନୀୟଜଳ ସଙ୍କଟର ସ୍ଥାୟୀ ସମାଧାନ ହେଉ ନାହିଁ। ପାଣି ପାଇଁ ଲୋକେ ହାହାକାର ହୋଇ ତହଳବିକଳ ହେଉଛନ୍ତି। ଏହି ପଞ୍ଚାୟତରେ ଖଣି ଅଛି ପାଖରେ ହୀରାକୁଦ ଜଳଭଣ୍ଡାର ବିସ୍ତିର୍ଣ୍ଣ ଜଳଭଣ୍ଡାର। ତଥାପି ଖୃଣ୍ଡା ପଞ୍ଚାୟତ ଅଧିବାସୀ ତୃଷାର୍ତ୍ତ। କମ୍ପାନୀର ଟେଙ୍କର ପାଣି ଲୋକଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ ହେଉଛି। ଅନୁସନ୍ଧାନରୁ ଜଣା ପଡିଛି ଯେ ଖୃଣ୍ଡା ପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ୬୬ଟି ନଳକୂପ ଅଛି। ସେଥି ମଧ୍ୟରୁ ମାତ୍ର ୪ଟି ନଳକୂପ ଯେନତେନ ପ୍ରକାରେ ଚାଲୁଛି। ଅର୍ଥାତ୍ ୬୨ ନଳକୂପ ଶୁଷ୍କ ହୋଇ ପଡିଛି। ପଞ୍ଚାୟତର ଭୂତଳ ଜଳସ୍ତର ପାତାଳଗାମୀ ହୋଇ ସାଢେ ୮ଶହ ଫୁଟ ତଳକୁ ଖସି ଯାଇଥିବାରୁ ବର୍ଷା ଋତୁ ଆରମ୍ଭ ନହେଉଣୁ ପ୍ରତି ବର୍ଷ ନଳକୂପ ଗୁଡିକ ଶୁଷ୍କ ହୋଇ ଥାଏ ବୋଲି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସୂତ୍ରରୁ ପ୍ରକାଶଯ ଜନ ସାଧାରଣଙ୍କ ସୁବିଧା ପାଇଁ ପଞ୍ଚାୟତ ଏବଂ ଏନ୍‌ଏଲସି କମ୍ପାନୀ ପକ୍ଷରୁ ଟେଙ୍କର ଯୋଗେ




ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇ ଥିଲେ ବି ଜନ ସାଧାରଣଙ୍କ ଚାହିଦା ପୂରଣରେ ତାହା ବିଫଳ ହୋଇଛି। ଗ୍ରୀଷ୍ମ ଋତୁରେ ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଆଦି ଜୀବଜନ୍ତୁଙ୍କ ପାଇଁ ପାଣିର ଆବଶ୍ୟକତା ଅଧିକ ବୃଦ୍ଧି ପାଉଥିବା ବେଳେ ଟ୍ୟାଙ୍କରରେ ଦିଆଯାଉଥିବା ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ ହେଉଛି। ଦୀର୍ଘ ବର୍ଷ ଧରି ରହିଥିବା ଏହି ଜଳ ସଙ୍କଟର କୌଣସି ସ୍ଥାୟୀ ପ୍ରତିକାର କରାନଯାଇ ପ୍ରତିବର୍ଷ ଅସ୍ଥାୟୀ ଭାବେ ଟ୍ୟାଙ୍କରରେ ପାଣି ଯୋଗାଣ ଆଉ କେତେ ବର୍ଷ ଚାଲିବ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। କୋଇଲା ଖଣିରୁ କୋଟି କୋଟି ଟଙ୍କା ମୁନାଫା କରୁଥିବା କମ୍ପାନୀ ଅଞ୍ଚଳବାସୀଙ୍କ ପାଇଁ ସ୍ଥାୟୀ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଉଚିତ ବୋଲି ଲୋକେ ଦାବି କରୁଛନ୍ତି। ଖୃଣ୍ଡା ପଞ୍ଚାୟତବାସୀଙ୍କୁ ଉକ୍ତ ପାଇପ୍ ଲାଇନ୍ ଜରିଆରେ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ଓ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ସତ୍ତ୍ୱେ ଜଳ ଯୋଗାଣ ବ୍ୟବସ୍ଥା ହେଉ ନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖୃଣ୍ଡା ପଞ୍ଚାୟତରେ ଖଣି ଅଛି। ପାଖରେ ହୀରାକୁଦ ଜଳ ଭଣ୍ଡାରର ପାଣି ବି ଅଛି। ତଥାପି ପଞ୍ଚାୟତବାସୀଙ୍କ ତୃଷାର୍ତ୍ତ। ରାଜ୍ୟରେ କ୍ଷମତାସୀନ ଡବଲ୍ ଇଞ୍ଜିନ୍ ସରକାର ଖୃଣ୍ଡା ପଞ୍ଚାୟତର ଦୀର୍ଘ ବର୍ଷର ଏହି ଅସମାହିତ ଜଳ ସଙ୍କଟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## କଳି ସମାଧାନ ହେଲା କାଳ: ଛୁରୀରେ ଆକ୍ରମଣ, ଯୁବକ ମୃତ

**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ଚେରୁଆପଡ଼ାରେ ଛୁରୀରେ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ଚେରୁଆପଡ଼ାର ଶ୍ରୀରାମ ଭୋଇଙ୍କ ପୁତ୍ର ରେଙ୍ଗାଲି ପଲିଟେକ୍ନିକ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର ଉତ୍ତମ ଭୋଇ(୧୯) ବୋଲି ଜଣାପଡିଛି। ଏ ସମ୍ପର୍କରେ ଆକ୍ରମଣକାରୀ ଯୁବକ କାହ୍ନା ବଗର୍ତ୍ତି(୨୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କୌଣସି କଥାକୁ ନେଇ କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାଙ୍ଗମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳର ସମାଧାନ କରିବାକୁ ଉତ୍ତମ ସେମାନଙ୍କ ନିକଟରେ ପହଞ୍ଚିଥିଲା। ଉଭୟଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରିଥିଲେ। ମାତ୍ର ତାଙ୍କ କଥାକୁ କେହି ଗୁରୁତ୍ୱ ନ ଦେବାରୁ ଗଣ୍ଡଗୋଳର ସମାଧାନ ହୋଇ ପାରି ନଥିଲା। ଫଳରେ ସେ ମନ ଦୁଃଖରେ ଆସି ସାଙ୍ଗମାନଙ୍କ ସହିତ ନିକଟରେ ହାଉସିଂବୋର୍ଡ ପଡ଼ିଆରେ ବସି କଥାବାର୍ତ୍ତା କରୁଥିଲେ। ଏହି ସମୟରେ ହଠାତ ଅଭିଯୁକ୍ତ କାହ୍ନା ସେଠାରେ ପହଞ୍ଚି ପାଖରେ ରଖିଥିବା ଏକ ଛୁରିରେ ଉତ୍ତମଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇ ଯାଇଥିଲା। ଆକ୍ରମଣରେ ଉତ୍ତମଙ୍କ ବେକ କଟିଯାଇ ସେ ଗୁରୁତର ଆହତ ହୋଇଥିଲେ। ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖି ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଉତ୍ତମଙ୍କୁ ଆକ୍ରମଣ କରି ଫେରାର ହେବାକୁ ଉଦ୍ୟମ କରୁଥିବା କାହ୍ନାଙ୍କୁ ତାଙ୍କ ସାଙ୍ଗମାନେ ଗୋଡ଼ାଇ ଗୋଡ଼ାଇ ନିସ୍ତୁକି ମାଡ଼ ମାରିଥିଲେ। ଏହି ମସୟରେ ସେହିବାଟ ଦେଇ ଯାଉଥିବା ପୋଲିସ ପାଟ୍ରୋଲିଂ ଦଳ ତାଙ୍କୁ ଉଦ୍ଧାର କରି ଟାଉନଥାନାରେ ଅଟକ ରଖିଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରିଥିଲା । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିବାସୀ ନୁରଜାହାନ (୮୪)ଙ୍କ ଶନିବାର ରାତ୍ରି ୧୦ଟା ସମୟରେ ତାଙ୍କ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ଭଦ୍ର, ପରୋପକାରୀ, ଧର୍ମପ୍ରାଣ ମହିଳା ଭାବରେ ଜନ ମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ନୁରଜାହାନଙ୍କ ଦେହାନ୍ତ ଖବର ଶୁଣିଲା ପରେ ତାଙ୍କର ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନକୁ ବରିଷ୍ଠ ନାଗରିକ ବାବୁଲାଲ ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ରମାକାନ୍ତ ବିଶ୍ୱାଳ, ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜିବ ମିଶ୍ର, ନବୀନ ସାହୁ,ଏମବି ରାଜେନ୍ଦ୍ରନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣକରି ଅମର ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ହାକିମ ଖାନଙ୍କ ପୂର୍ବ ପୁରୁଷ ସ୍ୱାଧୀନତା ପୂର୍ବରୁ ଅର୍ଥାତ ଆଜିକୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ରହିଆସୁଛନ୍ତି। ନୁରଜାହାନଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୬ପୁଅ ଓ ୩ଝିଅଙ୍କ ସହ ସମସ୍ତ ନାତିନାତୁଣୀ ମିଶି ୫୭ ଜଣଙ୍କ ସହ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ଉପସ୍ଥିତ ରହି ନୁରଜାହାନଙ୍କୁ ଶେଷ ବିଦାୟ ଦେଇଥିଲେ। ମୁସଲିମ ସମାଜର ସାମାଜିକ ରୀତିନୀତି ଅନୁସାରେ ରେଙ୍ଗାଲି ସ୍ଥିତ କବରସ୍ଥାନରେ ରବିବାର ଅପରାହ୍ନରେ ତାଙ୍କର ବଡପୁଅ ନୁର ଅହମଦ ଖାନ ଓ ରେଙ୍ଗାଲି ମୁସଲିମ ସମାଜର ସଭାପତି ସଲିମ ଅହମଦ ଖାନ କବର ଦେଇ ସମସ୍ତ କାର୍ଯ୍ୟ ସମାପନ କରିଥିଲେ।

## କୋଶଳା ମାଳି ପଟେଲ ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା

**ଧର୍ମଗଡ଼,(ଡିକେ ନ୍ୟୁଜ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମରେ କୋଶଳା ମାଳି (ପଟେଲ) ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା ପଟେଲ ସମାଜ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର କର୍ମକର୍ତ୍ତାଙ୍କ ଗହଣରେ କୋଶଳା ମାଳି ସମାଜର ଇଷ୍ଟ ଦେବୀ ମା' କୋଶଳେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ବାର୍ଷିକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଶଳା ମାଳି ସମାଜର ଜିଲ୍ଲା ସଭାପତି ସମ୍ପତ୍ତି ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ସାମାଜିକ କର୍ମକର୍ତ୍ତାମାନେ ଏକ ବିରାଟ



ଶୋଭାଯାତ୍ରାରେ ପାଛୋଟି ଆଣିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାର୍ଷିକ ସାମାଜିକ ବୈଠକରେ ସମାଜରେ ରହିଥିବା କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂର କରିବା ଓ ସଚେତନତା କରିବା ସମାଜର ନାରିଶିକ୍ଷାକୁ ଗୁରୁତ୍ୱ ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ଓ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ବିଶଦ ଭାବରେ ଆଲୋଚନା ହେଇଥିଲା। ମାନ୍ୟବର କଳାହାଣ୍ଡି ସାଂସଦ ମାଳବିକା ଦେବୀ ତାଙ୍କ ସଂସଦୀୟ ପାଣ୍ଠିରୁ ଏବଂ ମାନ୍ୟବର ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପଟ୍ଟଯୋଷି ବିଧାନସଭା ପାଣ୍ଠିରୁ ମା' କୋଶଲେଶ୍ୱରୀ ମନ୍ଦିର ଓ ସମାଜ ଭବନ ପାଇଁ ଯଥା ସମ୍ଭବ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଉପ ସଭାପତି ଧର୍ମୁ ପଟେଲ ସମ୍ପାଦକ ପବିତ୍ର ପଟେଲ ସହ ସମ୍ପାଦକ ଜୟହରି ପଟେଲ କୋଷାଧ୍ୟକ୍ଷ ପ୍ରଦୀପ ପଟେଲ, ପୂର୍ବତନ ଜିଲ୍ଲା ସଭାପତି ଘନଶ୍ୟାମ ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ରେଣୁକା ସାହୁ, ତରାପୁର ଗାଁ ଗୋନ୍ତିଆ କୁମୁଦ ଚଲାନ, ଟଙ୍କଧର ପଟେଲ, ବିଶ୍ୱ ପଟେଲ ଜେମା ପଟେଲ, ମସ୍ତରାମ ପଟେଲ, ଜୟକର ପଟେଲ ,ଡିଙ୍ଗର ପଟେଲ, ଚିନ୍ତାମଣୀ ପଟେଲ, ପର୍ଶୁରାମ ପଟେଲ, ଲକ୍ଷ୍ମୀକାନ୍ତ ନାଏକ, ବସନ୍ତ ନାଏକ, ରଘୁ ପଟେଲ, କୁଳମଣୀ ପଟେଲ, ସୁଶିଳ ପଟେଲ, ନରେନ୍ଦ୍ର ପଟେଲ ଓ କଳାହାଣ୍ଡି କୋଶଲା ମାଳୀ (ପଟେଲ) ସମାଜର ଆଞ୍ଚଳିକ କେନ୍ଦ୍ର ସଭାପତି ସମ୍ପାଦକ ଓ ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଝିଅର ବାହାଘର ତିନି ଦିନ ପୂର୍ବରୁ ବାପାର ଆତ୍ମହତ୍ୟା

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା(ପାଇକସାହି) ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ରବିବାର ଦେଖିବାକୁ ମିଳିଛି। ଝିଅର ବାହାଘରକୁ ତିନିଦିନ ଥିବା ବେଳେ ଘର ପଛପଟରେ ଥିବା ବାଉଁଶ ବୁଦାରେ ବାପା ବେକରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ କ୍ଷିରୋଦ ଜେନା(୬୧)। ସ୍ଥାନୀୟ ଲୋକଙ୍କ କହିବା ମୁତାବକ କ୍ଷିରୋଦଙ୍କ ଝିଅର ବାହାଘର ଆସନ୍ତା ବୁଧବାର ହୋଇଥାନ୍ତା। ବାହାଘର ପାଇଁ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିବା ବେଳେ ଅନୁକୂଳ କାର୍ଯ୍ୟ ଶେଷ ମଧ୍ୟ ହୋଇଥିଲା। କ୍ଷିରୋଦ ନିଜେ ବନ୍ଧୁ ବାନ୍ଧବଙ୍କ ଘର ଘର ବୁଲି ଗୁଆ ଦେଇ ନିମନ୍ତ୍ରଣ କରିଥିଲେ। ଏପରିକି ଶନିବାର ରାତିରେ ପରିବାର ସହିତ ଖାଇ ପିଇ ଘରେ ଶୋଇଥିଲା। ହେଲେ ରବିବାର ସକାଳୁ ତାଙ୍କର ମୃତ ଦେହ ବାଉଁଶ ବୁଦାରେ ଝୁଲୁଥିବା ବାରି ପଛପଟକୁ ଯାଇଥିବା ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ଗାରୋଇ ଫାଣ୍ଡି ଅଧିକାରୀ ଚନ୍ଦ୍ରମୋହନ ହାସଁଦା ଖବର ପାଇ ଘଟଣାସ୍ଥଳରେ ପହଁଚି ମୃତ ଦେହକୁ ଜବତ କରିଥିଲେ। ପରେ ପରିବାରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି। ଅନ୍ୟପଟରେ ଝିଅର ବାହାଘରକୁ ତିନି ଦିନ ଥିବା ବେଳେ ବାପାର ଏଭଳି ଅତ୍ମହତ୍ୟାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବିଜେପି କାର୍ଯ୍ୟାଳୟରେ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ ଶୁଣିଲେ

**ଅନୁଗୁଳ,(ଡିକେ ନ୍ୟୁଜ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମନ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ମାସର ଶେଷ ରବିବାର ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କର ୧୨୧ ତମ ମନ କୀ ବାତ କାର୍ଯ୍ୟକ୍ରମକୁ ଢେଙ୍କାନାଳର ଲୋକପ୍ରିୟ ସାଂସଦ ରୁଦ୍ର ନାରାୟଣ ଉପସ୍ଥିତ ରହି ଶୁଣିଥିଲେ ଦିନ ୧୧ ଟାରୁ ୧୧.୩୦ ପର୍ଯ୍ୟନ୍ତ ୩୦ ମିନିଟ ପର୍ଯ୍ୟନ୍ତ ମନ କୀ ବାତ୍ କାର୍ଯ୍ୟକ୍ରମ ସମସ୍ତ ଟିଭି ଚେନେଲ ଓ ସୋସିଆଲ ମିଡ଼ିଆରେ ଉପଲବ୍ଧ ହୋଇଥିଲା ସାଂସଦ ଶ୍ରୀ ପାଣିଙ୍କ ସମେତ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ଜିଲ୍ଲା



ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ବସନ୍ତ ମଞ୍ଜରୀ ପ୍ରଧାନ, ରୋଜାଲିନ ଦାସ, ନମିତା ଦଳ ବେହେରା, ସୁଜାତା ଦାସ, ତିଳୋତ୍ତମା ସାମନ୍ତ, ମିତାରାଣୀ ପାତ୍ର, ସ୍ମିତା ପଟ୍ଟନାୟକ, ବିଶ୍ୱରଂଜନ ପ୍ରଧାନ, ଅପର୍ଣ୍ଣା ସାହୁ, ଚିତ୍ତରଞ୍ଜନ ସାମନ୍ତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ଜିଲ୍ଲାର ବିଭିନ୍ନ ବୁଥରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୁତ୍ରାରେ ମହିଳାଙ୍କ ମଦ ବିରୋଧୀ ଅଭିଯାନ

**କୁତ୍ରା,(ଡିକେ ନ୍ୟୁଜ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ବୁଡ଼ାକଟା ଗ୍ରାମର ମହିଳା ମାନେ ମଦବିରୋଧୀ ଅଭିଯାନ ଆରମ୍ଭ କରଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର କିଛି ବ୍ୟକ୍ତି ରୀତିମତ ଅବୈଧ ଦେଶୀ ତଥା ବିଦେଶୀ ମଦ ବିକ୍ରି କରୁଥିବାବେଳେ ପୁରୁଷ ତଥା ବିଶେଷ କରି ଯୁବକମାନେ ମଦପିଇ ମାତାଲ ହେଉଥିବାରୁ ମହିଳାମାନେ ଅତିଷ୍ଠ ହୋଇ ଆଜି କେତେକ ମହିଳା ଏକଜୁଟ ହୋଇ ଘରକୁଘର



ବୁଲି ଅବୈଧ ମଦ କାରବାରରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କ ଘରୁ ଦେଶୀ ବିଦେଶୀ ମଦ ବାହାର କରି ନଷ୍ଟ କରିଥିଲେ। ପୁନଃଶ୍ଚ ଗାଁ ରେ ଆଉ ମଦ ବିକ୍ରି ନ କରିବାକୁ ସେମାନଙ୍କୁ ତାଗିଦ କରିଥିଲେ।

## ବିକାଶ ହସ୍ପିଟାଲରେ ଟ୍ରାଫିକ ପୋଲିସଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ପୋଲିସ, ଆଇସିଏମ୍ଆର୍ ଭୁବନେଶ୍ୱର ଏବଂ ବିକାଶ ହସ୍ପିଟାଲ ସମ୍ବଲପୁର ମିଳିତ ସହଯୋଗରେ ଟ୍ରାଫିକ ପୋଲିସ ମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସହରରେ ନିୟୋଜିତ ଥିବା ଟ୍ରାଫିକ ପୋଲିସ ଟାଣ ଖରା ହେଉକି ବର୍ଷା ଓ ଶୀତରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଏଭଳି ସ୍ଥିତିରେ ଅନେକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯାଉଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଆଇପିଏସ ପ୍ରୋବେସନର୍ ଭୋସଲେ ଶୁଭମ୍ ସଞ୍ଜୟ, ଆସିଏମ୍ଆର୍ ଡା. ଅର୍ଚ୍ଚନା ବାରିକ, ଡା. ରାମକୃଷ୍ଣ ଖୁଣ୍ଟିଆ, ବିକାଶ ହସ୍ପିଟାଲ ଚେୟାରମ୍ୟାନ ଜି ଭାସ୍କର ରାଓ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଡି. ଉମାପତି, ସଂସ୍ଥାର ପ୍ରଶାସନିକ ଅଧିକାରୀ ଡା. ଦିଲ୍ଲୀପ ନନ୍ଦ, ଅର୍ଥ ବିଭାଗ ମୁଖ୍ୟ ଜିତେଶ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ ଦିଲ୍ଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ପ୍ରଥମ ଦିନରେ ୨୦ ଜଣ ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଥିଲା। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବ ବୋଲି ଜଣାପଡିଛି।

## ବ୍ୟବସାୟୀ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର

**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାରକୁ ନେଇ ଅସ୍ତରଙ୍ଗ-କାକଟପୁର ଯୋଗାଣ ବିଭାଗ ସାଜିଛି ନିଦା ବିଷ୍ଣୁ। କିଛି ଦିନ ପୂର୍ବରୁ ବେଆଇନ ଗ୍ୟାସ ସିଲିଣ୍ଡର ବ୍ୟବହାରିଙ୍କ ଉପରେ ଯୋଗାଣ ବିଭାଗ ଲୋକ ଦେଖାଣିଆ ଚଢ଼ାଉ କରି ତିନୋଟି ସିଲିଣ୍ଡର ଜବତ କରିଥିଲେ। ଯେଉଁଠି ଶହ ଶହ ସିଲିଣ୍ଡର ବ୍ୟବହାର ହେଉଛି ଉକ୍ତ ଚଢ଼ାଉ ଧର୍ମକୁ ଆଖିଠାର। କିଛି ଦିନ ପୂର୍ବେ ପୁରୀ ଜିଲ୍ଲା ଯୋଗାଣ ବିଭାଗର ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବଜାରରେ ବିଭିନ୍ନ ଗ୍ୟାସ ଚୁଲ୍ଲା



ମରାମତି କେନ୍ଦ୍ର, ଗ୍ୟାସ ଏଜେନ୍ସି ଓ ହୋଟେଲ ଫାଷ୍ଟ ଫୁଡ ଦୋକାନ ଉପରେ ଚଢ଼ାଉ କରି ନାମକୁ ମାତ୍ର ଚାରିଗୋଟି ଘରୋଇ ବ୍ୟବହୃତ ସିଲିଣ୍ଡର ଏକ ହୋଟେଲରୁ ଜବତ କରିଥିଲେ। କିନ୍ତୁ ଅସ୍ତରଙ୍ଗ ଅଞ୍ଚଳରେ କିଛି ବ୍ୟବସାୟୀ କମ ପଇସାରେ ଘରୋଇ ଗ୍ୟାସ ସିଲିଣ୍ଡର କ୍ରୟ କରି ତାହାକୁ ନିଜ ବ୍ୟବସାୟରେ ଲଗାଉଛନ୍ତି ଯାହା ସମ୍ପୂର୍ଣ୍ଣ ବେଆଇନ। ଆଉ କିଛି ଦୋକାନମାନଙ୍କରେ ଗ୍ୟାସ ଚୁଲ୍ଲା ମରାମତି ହେଉଥିବା ବେଳେ ସେଠି କଳାବଜାରରେ ଗ୍ୟାସ ରିଫିଲିଙ୍ଗ ମଧ୍ୟ ହେଉଛି। ଯାହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଇଆସୁଛି। ଯେଉଁ କାରଣରୁ ଗ୍ୟାସର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗୁଚି। କେତେ ଦିନ ଯୋଗାଣ ବିଭାଗ ସବୁ ଜାଣି ଚୁପ ରହିବ କେବେ ବ୍ୟବସାୟୀ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ ବ୍ୟବହାର ବନ୍ଦ ହେବ ତାହା ଦେଖିବାକୁ ବାକିରହିଲା।

## ୧୦୦୦ ଏକରରୁ ଅଧିକ ଗୋଚର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ

**କେନ୍ଦୁଝର,(ଡିକେ ନ୍ୟୁଜ):** ଗୋଚର ଜମି ଥିଲା ପଶୁମାନଙ୍କ ଚରଣ ଭୂଇଁ। କିନ୍ତୁ ଏହି ଗୋଚର ଜମି ଏବେ ଜବରଦଖଲକାରୀଙ୍କ ଆବାସ ସ୍ଥଳୀ ପାଲଟିଛି। ଗୁଣ୍ଠେ ନୁହେଁ କି ଦୁଇ ଗୁଣ୍ଠ ନୁହେଁ, ହଜାର ହଜାର ଏକର ଗୋଚର ଜମି ଏବେ ଜବରଦଖଲକାରୀଙ୍କ କବଳରେ ପଡିଛି। ଗୋଟିଏ ପଟେ ହଜାର ହଜାର ଏକର ଗୋଚର ଜମି ଜବରଦଖଲକାରୀଙ୍କ କବଳରେ ପଡିଥିବାରୁ ସରକାରଙ୍କ କ୍ଷତି ହେଉଥିବା ବେଳେ ଅନ୍ୟପଟେ ଚରଣ ଭୁଇଁ ନ ପାଇ ଦିନକୁ ଦିନ ଗୃହପାଳିତ ପଶୁଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଧାନସଭାର ତଥ୍ୟ ଅନୁସାରେ, ରାଜ୍ୟର ଗୋଚର ଜମିର ପରିମାଣ ହେଉଛି ୧୧ ଲକ୍ଷ ୨୦ ହଜାର ୭୭୯ ଏକର। କିନ୍ତୁ ଏହି ଗୋଚର ଜମିରୁ ବହୁ ପରିମାଣରେ ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଯେଉଁଥିରେ କେନ୍ଦୁଝର ଜିଲ୍ଲା ଦ୍ୱିତୀୟ ସର୍ବାଧିକ ତାଲିକାରେ ରହିଛି। ଅର୍ଥାତ ଚରଣ ଭୂଇଁ ଜବର ଦଖଲ ଅନୁଗୁଳରେ ସର୍ବାଧିକ ୨୯୧୪.୪୨୪ ଏକର ଥିବା ବେଳେ କେନ୍ଦୁଝର ଦ୍ୱିତୀୟ ସ୍ଥାନରେ ଅଛି। ଅର୍ଥାତ କେନ୍ଦୁଝର ରେ ୧୦୨୫.୮୯୯ ଏକର ଗୋଚର ଜମି ଜବର ଦଖଲ ହୋଇଛି। କଳାହାଣ୍ଡିରେ ୯୪୧.୭୪ ଏକର ଗୋଚର ଜମି ଜବର ଦଖଲ ହୋଇଛି। ନବରଙ୍ଗପୁରରେ ୯୦୧.୧୫ ଏକର ଗୋଚର ଜମି ଜବର ଦଖଲ ହୋଇଛି। ଗଞ୍ଜାମ ରେ ୪୭୩.୯୪୧ ଏକର ଗୋଚର ଜମି ଜବର ଦଖଲ ହୋଇଛି। ଅପରପକ୍ଷରେ ପ୍ରତ୍ୟେକ ମୌଜାର ମୋଟ ଚାଷ ଯୋଗ୍ୟ ଜମିର ୫ ପ୍ରତିଶତ ଗୋଚର ଜମି ରହିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅନେକ ଗ୍ରାମରେ ୫ ପ୍ରତିଶତ ଜମି କାଗଜପତ୍ରରେ ଥିଲେ ମଧ୍ୟ ବାସ୍ତବରେ ଗୋଚରଜମି ଜବରଦଖଲ ହୋଇଛି। ବୋର୍ଡ ଅଫ ରେଭିନ୍ୟୁ ଏହାର ସଠିକ୍ ଅଡିଟ କରୁନଥିବାରୁ ଅନେକ ଗାଁରେ ଗୋଚର ଜମିର କିସମ ପରିବର୍ତ୍ତନ ପରେ ନୂତନ ଗୋଚର ଜମି ସୃଷ୍ଟ କରାଯାଉନାହିଁ। ଅନାବାଦି ଓ ଗୋଚର



ଜମି ପ୍ରାଣୀମାନଙ୍କର ଚରିବା ପାଇଁ ଥିଲା। ସହର ଏବଂ ଗ୍ରାମାଞ୍ଚଳରେ ଏହି ଜମି ଜବରଦଖଲ ହୋଇ ଘର ନିର୍ମାଣ ହେଉଛି। କେତେକ ସ୍ଥାନରେ ଗୋଚର ଜମି ବେଆଇନ ଭାବେ କିସମ ପରିବର୍ତ୍ତନ ହେଉଛି। ରାଜସ୍ୱ ବିଭାଗର ଉଦାସୀନତା ଯୋଗୁଁ ଏହି ଗୋଚର ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ବଗିଚା, କୋଠାବାଡି ଏବଂ ପୋଖରୀ ନିର୍ମାଣ କରୁଛନ୍ତି। ଗୋଚର ଜମି ଅଭାବରୁ ଅନେକ ଚାଷୀ ଗୋ-ପାଳନ କରିବା ପାଇଁ ଆଗଭର ହେଉନାହାଁନ୍ତି। ସେଥିଯୋଗୁଁ ଗୋରୁ ଘାସ ଖାଇବା କଷ୍ଟକର ବ୍ୟାପାର ହୋଇପଡିଛି। ପ୍ରାଣୀ ସମ୍ପଦର ସୁରକ୍ଷା ଓ ଜନସାଧାରଣଙ୍କର ଅର୍ଥନୈତିକ ବିକାଶ ପାଇଁ ପ୍ରଶାସନ ଜବର ଦଖଲ ଉଚ୍ଛେଦ କରୁନଥିବାରୁ ଚାଷୀ ଗୋପାଳନ କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଦ୍ରୁତ ସହରୀକରଣ ଓ ଶିଳ୍ପର ଦ୍ରୁତ ବିକାଶ ସାଙ୍ଗକୁ ସରକାରୀ ଜାଗା ଗୁଡିକର ଆବଶ୍ୟକୀୟ ସୁରକ୍ଷା ଅଭାବରୁ ରାଜ୍ୟର ପଶୁ ସଂପଦର ଚରଣ ଭୁଇଁର ଘୋର ଅଭାବ ପଶୁ ସଂପଦର ବିକାଶରେ ବାଧକ ସୃଷ୍ଟି କରିଥିବାର ଜଣାପଡିଛି। ଯାହାଫଳରେ ଜିଲ୍ଲା ହେଉ କି ରାଜ୍ୟରେ ଗୃହପାଳିତ ପଶୁମାନଙ୍କ ସଂଖ୍ୟା ଦ୍ରୁତ ଭାବରେ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଯାହା ଜୀବନଧାରଣ ଲାଗି ମୁଖ୍ୟ ଆୟର ପଥ ଥିଲା। ସେହି ପଶୁ ସଂପଦ ଆଜି ସରକାରୀ ନିଷ୍କ୍ରିୟତା ଯୋଗୁଁ ଧିରେ ଧିରେ ଲୁପ୍ତ ହେବାରେ ଲାଗିଛି। ବଂଶ ପରମ୍ପରା ଅନୁଯାୟୀ ପଶୁ ସଂପଦରୁ ଦୈନିକ କ୍ଷୀର, ଗୁଆଘିଅ, ଦହି ବିକ୍ରି କରିବା ସହ କୃଷି କାର୍ଯ୍ୟରେ ବଳଦ ଦ୍ୱାରା ହଳ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ପଶୁ ସଂପଦର ବିକାଶରେ ମୁଖ୍ୟ ପ୍ରତିବନ୍ଧକ ରୂପେ ଠିଆ ହୋଇଥିବା ଚରଣ ଭୁଇଁର ଅଭାବ ପଶୁ ସଂପଦକୁ ହ୍ରାସ କରିବାରେ ଲାଗିଛି। ରାଜ୍ୟର ପ୍ରତି ଗାଁରେ ହଜାର ହଜାର ଏକର ଗୋଚର ଗ୍ରାମ୍ୟ ଜଙ୍ଗଲ, ପତିତ ପ୍ରଭୃତି ଭିନ୍ନଭିନ୍ନ କିସମର ଜମି ରହିଥିବା ବେଳେ ସେସବୁର ସୁରକ୍ଷା ଅଭାବରୁ ଧିରେ ଧିରେ ଜବରଦଖଲକାରୀଙ୍କ ଦ୍ୱାରା ଜବରଦଖଲ ହୋଇପଡିଛି।

## କ୍ଷୀରପୁର ମନରେଗା ମହାଦୁର୍ନୀତି ଅଭିଯୋଗ

**ସୁବର୍ଣ୍ଣପୁର, (ଡିକେ ନ୍ୟୁଜ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମପଞ୍ଚାୟତ ଅନ୍ତର୍ଗତ କ୍ଷୀରପୁର ମନରେଗା ମହାଦୁର୍ନୀତି ଆଳୁ ଖୋଳୁ ଖୋଳୁ ବାହାରିଲେ ମହାଦେବ। ବହୁ ପ୍ରତିକ୍ଷିତ କ୍ଷୀରପୁର ମନରେଗା ମହାଦୁର୍ନୀତିର ପର୍ଦାଫାଶ ହୋଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପର୍ଯ୍ୟାୟରେ କ୍ଷୀରପୁର ପୋଖରୀ ଖନନ ବାବଦକୁ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ବଡ଼ ଦୁଃଖର ବିଷୟ ହିଡ଼ ପାର୍ଶ୍ୱ ଅଳ୍ପ ପରିମାଣର ମାଟି ଜେସିବି ସାହାଯ୍ୟରେ ଖନନ କରି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥକୁ ଉଦ୍ଦେଶ୍ୟମୂଳକ ଭାବରେ ହରିଲୁଟ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ସୂଚନା ଫଳକ ଲଗେଇ ସରକାରୀ ଅର୍ଥ ହଡପ କରାଯାଉଛି। ଏଥିରେ ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସମ୍ପର୍କ ଯୋଗୁଁ ଜାଣି ଶୁଣି ଉଦ୍ଦେଶ୍ୟମୂଳକ ଭାବରେ କୋଟି କୋଟି ସରକାରୀ ଟଙ୍କା ହରିଲୁଟ କରାଯାଇଛି। ଯାହାଫଳରେ ସ୍ଥାନୀୟ ଓ୍ୱାର୍ଡ ସଭ୍ୟ ଦେବରାଜ ମାଝୀ, ରବି ବଘାର ଓ ରବି ଭୋଇଙ୍କ ଅଭିଯୋଗ କ୍ରମେ ଶନିବାର ଉଲୁଣ୍ଡା ତହସିଲଦାର ମମତା ମେହେର, ଜାଲୋଏ ରାଜସ୍ୱ ନିରୀକ୍ଷକ ସଦଳବଳେ ସରଜମିନ୍ ତଦନ୍ତରେ ଆସିଥିଲେ। ଏପରିକି ସରଜମିନ ତଦନ୍ତ କରୁକରୁ ଜାଣିବାକୁ ପାଇଲେ ଯେ, କ୍ଷୀରପୁର ଗ୍ରାମର ଶତୃଘ୍ନ ବଘାର ଓ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାରଙ୍କ ଭ୍ରାତା ଶ୍ରୀନିବାସ ବଘାର ସରକାରୀ



ଗୋଚର ଜମିକୁ ଜବରଦଖଲ କରି ନିଜ ନିଜ କବଜାରେ ରଖିଛନ୍ତି। ଖେଳପଡ଼ିଆ ଉନ୍ନତିକରଣ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରି ସେହି ଟଙ୍କାରେ ସରକାରୀ ଜମିକୁ ଜବରଦଖଲ କରି ଶତୃଘ୍ନ ବଘାର ବ୍ୟକ୍ତିଗତ ଚାଷ ଜମିରେ ପରିଣତ କରିଛନ୍ତି ଏବଂ ଜମି ଚାରିପଟେ ସରକାରୀ ଅର୍ଥରେ ଗର୍ତ୍ତ ଖୋଲି ନିଜ କବଜାରେ ରଖିଛନ୍ତି। ଏପରିକି ପ୍ରକୃତ ଭାବରେ ଗ୍ରାମ ଖେଳ ପଡିଆ ଭାବରେ ଉଦ୍ଦିଷ୍ଟ ଗୋଚର ଜମିକୁ ଶ୍ରୀନିବାସ ବଘାର ଆମ୍ବ ବଗିଚା କରି ନିଜ କବଜାରେ ରଖିଛନ୍ତି। ତେଣୁ ସ୍ଥାନୀୟ ଓ୍ୱାର୍ଡ ସଭ୍ୟ ଦେବରାଜ ମାଝୀ ଏହାର ଉଚ୍ଚ ସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯାଉ ନଚେତ ଗ୍ରାମବାସୀ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଡୁମାଣୀ ଖବର

ସୋମବାର, ୨୮ ଏପ୍ରିଲ, ୨୦୨୫



## ରାମଲୀଳାରେ ଅଘଟଣ : ନଡିଆ ଗଛ ଭାଙ୍ଗି ଚାଲିଗଲା ଜୀବନ



**ପାରାଦୀପ, କୁଜଙ୍ଗ,(ଡିକେ ନ୍ୟୁଜ):** ଚାଲିଥିଲା ରାମଲୀଳା, ରଶି ଉପରେ ହନୁମାନ ଉଡିବେ ବୋଲି ନଡ଼ିଆ ଗଛରେ ଦଉଡି ବାନ୍ଧି ଏକ ଟ୍ରାକ୍ଟରରେ ଭିଡ଼ି ଟାଇଟ୍ କରୁଥିଲେ ଲୋକେ। ହେଲେ ହଠାତ୍ ନଡିଆଗଛ ଭାଙ୍ଗି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ। ରାମଲୀଳା ଚାଲୁଥିବା ବେଳେ ଘଟିଛି ଏହି ଅଘଟଣ। ନଡିଆଗଛରେ ରଶି ବାନ୍ଧି ଟ୍ରାକ୍ଟରରେ ଭିଡୁଥିବା ବେଳେ ଭାଙ୍ଗିପଡିଥିଲା ନଡ଼ିଆ ଗଛ। ସୂଚନା ମୁତାବକ ରାମଲିଳାରେ ହନୁମାନ ଚରିତ୍ରକୁ ନେଇ ନଡ଼ିଆ ଗଛରେ ରଶି ବାନ୍ଧୁ ଥିବା ବେଳେ ହଠାତ୍ ନଡ଼ିଆ ଗଛଟି ଭାଙ୍ଗି ପଡିଥିଲା। ତେବେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେବାପରେ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ଉତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିଲେ। ପରେ ୪ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ମହିଳା ଜଣଙ୍କ ସମାଗୋଳ ଗ୍ରାମର କୁନି ଦାସ। ଘଟଣା ସ୍ଥଳରେ କୁଜଙ୍ଗ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ପାଳିତ



**ଭଦ୍ରକ, କୁଜଙ୍ଗ,(ଡିକେ ନ୍ୟୁଜ):** ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦଳିତ ନେତା ମାନସ କୁମାର ମଲ୍ଲିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ଼ଃ ଅମୂଲ୍ୟ କୁମାର ମଲ୍ଲିକ, ରେଣ୍ୟ ଅତିଥି ଏମ ଡି ଫାରୁକ, ସମ୍ମାନିତ ଅତିଥି ଅବସରର ପ୍ରାପ୍ତ ଅଧ୍ୟାପକ କମଳା କାନ୍ତ ସ୍ୱାଇଁ, ସମ୍ମାନିତ ଆଇନଜୀବୀ ତାହେର ମହମ୍ମଦ, ସମ୍ମାନିତ ଅତିଥି କଂଗ୍ରେସ ନେତା ନଳିନୀ ମହାନ୍ତି ପ୍ରମୁଖ ଯୋଗଦେଇ ଡ଼ଃ ବାବାସାହେବ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ସମଗ୍ର ଭାରତ ବର୍ଷର ବାବା ସାହେବ ଆମ୍ବେଦକର ଏକ ଉଜ୍ଜଳ ଜ୍ୟୋତି ବୋଲି ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥି ମାନସ ମଲ୍ଲିକ ତାଙ୍କ ବକ୍ତବ୍ୟରେ ବାବା ସାହେବଙ୍କ ପାଇଁ ଆଜି ସମାଜର ତଳସ୍ତରର ଲୋକମାନେ ସମାଜ ମଧ୍ୟରେ ସମ୍ମାନର ଜୀବନ ବିତାଉଥିବା ବେଳେ ଧୀରେ ଧୀରେ ସେମାନଙ୍କ ଶିକ୍ଷା, ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ସୁଧାର ଆସୁଥିବାର ବକ୍ତବ୍ୟ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଡ଼ଃ ଅମୂଲ୍ୟ ମଲ୍ଲିକ ତାଙ୍କ ବକ୍ତବ୍ୟରେ ସମାଜର ଗରିବ ଶ୍ରେଣୀର ଲୋକ ମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ବାବା ସାହେବ ଆମ୍ବେଦକର ସଂଘର୍ଷ, ସଂଗ୍ରାମ ଅତୁଳନୀୟ ବୋଲି ଭାଷଣ ଦେଇଥିଲେ।

## ଲଡୁଗାଁ ମାରୱାଡି ଯୁବାମଞ୍ଚର ନୂତନ କର୍ମକର୍ତ୍ତା ମନୋନୀତ



**ଧର୍ମଗଡ,(ଡିକେ ନ୍ୟୁଜ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାରୱାଡି ଯୁବାମଞ୍ଚର ନୂତନ କର୍ମକର୍ତ୍ତା ମନୋନୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମାରୱାଡି ଯୁବାମଞ୍ଚର ଉପଦେଷ୍ଟା ଓ ବରିଷ୍ଠ କର୍ମକର୍ତ୍ତାଙ୍କ ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ କରାଯିବା ସହ ମନୋନୀତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କ୍ରମରେ ମାରୱାଡି ଯୁବା ମଞ୍ଚର ସଭାପତି ଭାବେ ଯୁବା ସାହିଲ କୁମାର ଅଗ୍ରୱାଲଙ୍କୁ ଦାୟିତ୍ୱ ମିଳିଛି। ଉପ ସଭାପତି ଭାବେ ଯୁବା ଆଲୋକ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଭାବେ ଯୁବା ଗୌରବ ଗର୍ଗ, ସହ ସମ୍ପାଦକ ଭାବେ ଯୁବା ଗୌରବ ଅଗ୍ରୱାଲ, ଯୁବା ଶ୍ୟାମୁ ଶର୍ମା, ଯୁବା ବିକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ଯୁବା ଅମିତ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ପୂର୍ବରୁ ଜନ ହିତକର କାର୍ଯ୍ୟ ସହ ରକ୍ତଦାନ ଶିବିର, ସ୍ୱଚ୍ଛତା କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରାଯାଇଛି।ସେହି ଉଦ୍ଦେଶ୍ୟକୁ ନୂତନ କର୍ମକର୍ତ୍ତା ମାନେ ବଜାୟ ରଖିବା ସହ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଜନସେବା ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ଜାରି ରଖିବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି।

## କୋଇଡା ପ୍ରେସ କ୍ଲବର ସଦସ୍ୟଙ୍କ କୋଇଡା ଥାନା ଅଧିକାରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ




**କୋଇଡା , କୁଜଙ୍ଗ,(ଡିକେ ନ୍ୟୁଜ):** ରାଉରକେଲା ପୋଲିସ ଜିଲ୍ଲା ଅନ୍ତର୍ଗତ କୋଇଡା ଥାନା ରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତିଙ୍କୁ କୋଇଡା ପ୍ରେସ କ୍ଲବର ସଭାପତି ଓ ସମସ୍ତ ସଦସ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂଚନା ଥାଉ ରାଉରକେଲା ପୋଲିସ ଜିଲ୍ଲା ଅନ୍ତର୍ଗତ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମାରଙ୍କର ବିଶ୍ରା ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ବିଶ୍ରା ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି କୋଇଡା ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କୋଇଡାର ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ, ବିଭିନ୍ନ ଖଣି ଅଧିକାରୀ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସମ୍ବଲପୁରରେ ୪ରୁ ଅଧିକ ବ୍ଲକ ବଢିବା ସମ୍ଭାବନା : ତେଜୁଛି ଦାବି, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ସମ୍ବଲପୁର,(ଡିକେ ନ୍ୟୁଜ):** ରାଜ୍ୟରେ ବଢିବ ପଞ୍ଚାୟତ ଓ ବ୍ଲକ୍ ସଂଖ୍ୟା। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେବାପରେ ନୂତନ ବ୍ଲକ ଗଠନ ନେଇ ଦାବି ତୀବ୍ରତର ହେଲାଣି। ଏପରିକି ଜିଲ୍ଲାରେ ୪ରୁ ଅଧିକ ବ୍ଲକ ଗଠନ ନେଇ ସମ୍ଭାବନା ଦେଖାଦେଇଥିବା ବେଳେ ଏନେଇ ସମ୍ବଲପୁର ଠାରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ୨ରୁ ଅଧିକ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ସୂଚନା ମିଳିଛି। ମନ୍ତ୍ରୀ ରବିନାରାୟଣ ନାଏକ କାରଣ ଦର୍ଶାଇ କହିଛନ୍ତି ବଢ଼ିବ ପଞ୍ଚାୟତ, ବଢ଼ିବ ବ୍ଲକ। ୧୦ବର୍ଷରେ ଥରେ ପଞ୍ଚାୟତ ପୁନର୍ଗଠନ ହୁଏ। ସେହିପରି ୨୦ ବର୍ଷରେ ବ୍ଲକ ଗଠନ ହୋଇଥାଏ। କିନ୍ତୁ ପୂର୍ବ ସରକାର ୨୪ ବର୍ଷ ଶାସନ କରି ମଧ ଲୋକଙ୍କୁ ସୁଶାସନ ଦେବାକୁ ବହୁତ ପଛରେ ରହିଗଲା। ସେହି ପ୍ରାବଧାନରେ ନୂଆଁ ପଞ୍ଚାୟତ ଗଠନ ନେଇ ପ୍ରୟାସ ଚାଲିଛି। ସେହିପରି ଅନେକ ଜାଗାରେ ବ୍ଲକ ପୁନର୍ଗଠନର ଆବଶ୍ୟକତା ରହିଛି। ତେଣୁ ଅଞ୍ଚଳର ହିତକୁ ଦେଖି ରାଜ୍ୟ ସରକାର ବ୍ଲକ ପୁନଃ ଗଠନ ନେଇ ଦିପାଦ ଆଗକୁ ବଢିଛନ୍ତି। ମାର୍ଚ୍ଚରେ ବଜେଟ୍ ଶେଷ ଅଧିବେଶନ ସରିବା ପରେ ଜନ ସାଧାରଣଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ ପଞ୍ଚାୟତ ଓ ବ୍ଲକ ପୁନଃରଗଠନ ପାଇଁ




ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଥିଲେ। ଫଳରେ ଲୋକଙ୍କ ମନରେ ଉତ୍ସାହ ପ୍ରକାଶ ପାଇବା ସହିତ ବ୍ଲକ ପୁନଃଗଠନର ଆବଶ୍ୟକତା ଓ କାରଣ ନେଇ ଅନେକ ଅଞ୍ଚଳରୁ ଦାବି ପ୍ରକାଶ ପାଇବା ସହିତ ଜିଲ୍ଲା ପ୍ରଶାସନ ସହିତ, ରାଜସ୍ୱ, ପଞ୍ଚାୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି ପତ୍ର ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ମତେ ଜିଲ୍ଲାର କୁଯୋମୁରା, ରେଙ୍ଗାଲି, ଜମନକିରା ଓ ବାମରା ବ୍ଲକ ବିଭାଜନ ହେବାର ସମ୍ଭାବନା ଉଜ୍ଜଳ ଦେଖାଯାଉଥିବା ବେଳେ ଧନକଉଡ଼ା ବ୍ଲକକୁ ନେଇ ମଧ ଚିନ୍ତା କରାଯାଇପାରେ। ସାମାଜିକ, ଭୌଗଳିକ, ଦୂରତା, ଗମନାଗମନ ସମସ୍ୟା ସବୁ ଦୃଷ୍ଟିକୁ ନେଇ ଯୁଯୋମୁରା ଯୋନ-୧ କୁ ନେଇ ସ୍ୱତନ୍ତ୍ର ବ୍ଲକ୍ ଗଠନ ପାଇଁ ଆଜିକୁ ୨୫ ବର୍ଷ ଧରି ଦାବି ହୋଇ ଆସୁଛି। ଏପରିକି ଯୁଯୋମୁରା ପଞ୍ଚାୟତ ସମିତି ବୈଠକରେ ମଧ ଏନେଇ ବାରମ୍ବାର ଦାବି ଉପସ୍ଥାପନା କରାଯାଇ ପ୍ରସ୍ତାବ ନିଆଯାଇଛି। ବାହାମ, ଡଙ୍ଗରପଡା, କବରାପାଲି, ଟାମ୍ପରଗଡ, କୁକୁଡାପାଲି, ଜୟନ୍ତପୁର, ଘେନୁପାଲି, ନୂଆଁବରଗାଁମାଲ, ମେଘପାଲ, ସହିତ ପ୍ରାୟ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟଙ୍କ ସହିତ ଜିଲ୍ଲାପରିଷଦ ସଦସ୍ୟ ମାନେ ମଧ ଦାବି ପଛରେ ଯୌକ୍ତିକତା ରହିଥିବା ନେଇ ଦାବି କରି ଆସୁଥିବା ସହିତ ଅନେକ ପଞ୍ଚାୟତ ନିଜର ମାସିକିଆ ବୈଠକରେ ସ୍ୱତନ୍ତ୍ର ବ୍ଲକ ଦାବି ନେଇ ପ୍ରସ୍ତାବ ରଖି ବ୍ଲକ ପ୍ରଶାସନକୁ ଦେଇଛନ୍ତି। ଏପରିକି ପ୍ରଶାସନିକ ଦୃଷ୍ଟିକୁ ନେଇ ମଧ ଦାବିର ଯଥାର୍ଥତାକୁ ପ୍ରଶାସନିକ ଅଧିକାରୀ ମାନେ ମଧ ଉପଲବ୍ଧି କରୁଥିବା ସ୍ପଷ୍ଟ ହୋଇଛି। ପଡିଆବାହାଲ ଓ ଯୁଯୋମୁରା ଉଭୟ ୨ଟି ଭିନ୍ ଦିଗ ଓ ୬୦ରୁ ଉର୍ଦ୍ଧ୍ୱ କିଲୋମିଟର ପଡୁଥିବା ଓ ସିଧାସଳଖ କୌଣସି ରାସ୍ତା ନଥିବାରୁ ସାଧାରଣତଃ ଯୁଯୋମୁରା ଯୋନ-୦୧ ର ଜନସାଧାରଣ ପାଇଁ ବିଭନ୍ନ ସମସ୍ୟାର କାରଣ ପାଲଟିଛି। ସାମାଜିକ ଓ ଭୌଗଳିକ ଦୃଷ୍ଟି କୋଣରୁ ମଧ ଯୁଯୋମୁରା ଏହି ଅଞ୍ଚଳପାଇଁ ଏକ ଅନ୍ତରାୟ ସୃଷ୍ଟି କରିଥାଏ। ବର୍ତ୍ତମାନର ପଞ୍ଚାୟତ ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ମଧ୍ୟ ପଡିଆବାହାଲ ବ୍ଲକ ପୁନଃଗଠନକୁ ନେଇ ପୂର୍ବରୁ ତାଙ୍କର ସକାରାତ୍ମକ ମତ ରଖିଥିଲେ। ଏ ସଂପର୍କରେ ଅଞ୍ଚଳର କେତେକ ନେତୃସ୍ଥାନୀୟ, ସାମାଜିକ କର୍ମୀ ଓ ଅଞ୍ଚଳ ବାସୀ ମଧ ବାରମ୍ବାର ଦାବି କରିବା ସହ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ରେଙ୍ଗାଲି ବ୍ଲକର ଜୋନ -୨କୁ ନେଇ ଲଇଡା ବ୍ଲକ ଗଠନର ଯଥାର୍ଥତା ରହିଛି। ତବଡାବାହାଲ, ଟାମ୍ପରକେଲା, ଝାଙ୍କରପାଲି, କତରବଗା, କିନାଲୋଇ, ରେଙ୍ଗଲୋଇ, ଲଇଡା ପଞ୍ଚାୟତକୁ ନେଇ ଏକ ସ୍ୱତନ୍ତ୍ର ବ୍ଲକ ଗଠନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦେନାରାୟଣ ତିୱାରୀ ଏକ୍ସ ଆର୍ମି ତଥା ଜିଲ୍ଲା ପରିଷଦ ୨ ଏହି ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଗତ ୨୧ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ପ୍ରଦାନ କରି ଏହି ଦାବି ରଖିଥିଲେ।

### ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ସମ୍ପାଦକ ଚେତାବନୀ

## ଦୀଘା ଜଗନ୍ନାଥ ମନ୍ଦିର ପୂଜାରେ ଯୋଗଦେଲେ ବାସନ୍ଦ କରାଯିବ

**ପୁରୀ,(ଡିକେ ନ୍ୟୁଜ):** ଦୀଘା ଜଗନ୍ନାଥ ମନ୍ଦିର ଆରତୀ ଓ ପୂଜାରେ ଯୋଗଦେଲେ ନିଯୋଗ ବିରୋଧୀ କାର୍ଯ୍ୟ ଅଭିହିତ କରାଯାଇ ସେମାନଙ୍କୁ ବାସନ୍ଦ କରାଯିବ। ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ସମ୍ପାଦକଙ୍କ ଦସ୍ତଖତରେ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିକଟରେ ସୁଆର ମହାସୁଆର ସେବକଙ୍କୁ ମଧ ଅନୁରୂପ ବାସନ୍ଦ ଚେତାବନୀ ଦିଆଯାଇଥିଲା। ଦୀଘା ମନ୍ଦିର ପ୍ରତିଷ୍ଠା ଉତ୍ସବ ରୋଷ କାର୍ଯ୍ୟରେ ଯୋଗଦେଲେ ସେବାରୁ ବାସନ୍ଦ କରାଯିବ ବୋଲି ସୁଆର ମହାସୁଆର ନିଯୋଗ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିର ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟା ଦିନ ଉଦଘାଟନ ହେବ। ଏହି କାର୍ଯ୍ୟକ୍ରମରେ ପୁରୀ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ଓ ଶୁଖିଲା ମହାପ୍ରସାଦ ପ୍ରସ୍ତୁତକାରୀଙ୍କ ପାଇଁ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଛି। ସେହି ମନ୍ଦିରର ଉଦଘାଟନ ଦିନ ରୋଷ କାର୍ଯ୍ୟରେ ସାମିଲ ହେବାକୁ ସେଥିରେ ବାରଣ କରାଯାଇଥିଲା। ସାମିଲ ହେଲେ ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ନିଯୋଗରୁ ବାସନ୍ଦ କରାଯିବ। ଅର୍ଥାତ ଶ୍ରୀମନ୍ଦିର ରୋଷ କାର୍ଯ୍ୟରୁ ତାଙ୍କୁ ସବୁଦିନ ପାଇଁ ଅନ୍ତର କରାଯିବ ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକଙ୍କ ଦସ୍ତଖତରେ ସୂଚନା ଜାରି କରାଯାଇଥିଲା। ଉଲ୍ଲେଖ ଯୋଗ୍ୟ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ନିଉ ଦୀଘା ରେଳଷ୍ଟେସନ ନିକଟରେ ୨୦ ଏକର ଜାଗାରେ ୨ ଶହ ୫୦ କୋଟି ଟଙ୍କା ବ୍ୟୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଢାଞ୍ଚାରେ ଏକ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି। ଆସନ୍ତା ଅକ୍ଷୟ ତୃତୀୟାରେ ଏହି ନୂତନ ଜଗନ୍ନାଥ ମନ୍ଦିରରେ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ମମତା ବାନାର୍ଜୀ ୨୦୧୮ ମସିହା ଡିସେମ୍ବର ୨୦ରେ ଦୀଘାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ସେଠାରେ ଏକ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ୨୦୨୨ ମସିହାରେ ପ୍ରଥମେ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ପଶ୍ଚିମବଙ୍ଗ ସରକାର ୨ ଶହ କୋଟି ଟଙ୍କା ଅର୍ଥ ମଞ୍ଜୁର କରି ଖୁବଶୀଘ୍ର ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୬୫ ଫୁଟ ଉଚ୍ଚର ଏହି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟରେ ରାଜସ୍ଥାନର ନାମୀ ମାର୍ବଲ ପଥର ବ୍ୟବହାର କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ସହ ଏଠାରେ ଆଠଟି ମନ୍ଦିର ନିର୍ମିତ ହୋଇଛି। ପ୍ରଥମ ମନ୍ଦିରରେ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପଥରର ମୂର୍ତ୍ତି ରହିଥିବାବେଳେ ମନ୍ଦିରର ୪ ଦ୍ୱାର ସହ ୨ ୟ ମନ୍ଦିରରେ ମା' ଲକ୍ଷ୍ମୀଙ୍କ ମନ୍ଦିର, ସମ୍ମୁଖ ଭାଗରେ ଗରୁଡ଼ ସ୍ତମ୍ଭ, ରୋଷେଇଶାଳ, ବିଶ୍ରାମଗାର ଓ ଅତିଥିଶାଳା ରହିଛି। ମନ୍ଦିର ପ୍ରାଚେରୀ ଦୀଘା - ବର୍ଦ୍ଧର ରାସ୍ତା ଦକ୍ଷିଣ ପଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ଅନ୍ୟ ଏକ ନୂତନ ପାର୍କ ମଧ ନିର୍ମାଣ କରାଯାଇଛି।

## ବନ୍ଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଳ ଦାନ ଶିବିର




**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପାରାଦୀପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରସ୍ତୁତ ଟ୍ରଷ୍ଟ' ତରଫରୁ ଜଳସେବା ଶିବିର ଆୟୋଜନ କରାଯାଇଛି। ପ୍ରଚୁର ରୌଦ୍ରତାପକୁ ଦୃଷ୍ଟିରେ ରଖି ବଡପଡିଆ ନିକଟସ୍ଥ ପାରାଦୀପ ବନ୍ଦରର ମୁଖ୍ୟ ମେଡିକାଲ ଗେଟ୍ ସମ୍ମୁଖରେ ପାନୀୟ ଜଳ ଓ ଦହିପଣା ବଣ୍ଟନ କରାଯାଇଛି। ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବା ବେଳେ ପ୍ରସ୍ତୁତ ଟ୍ରଷ୍ଟର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଉଛି। ପ୍ରତ୍ୟେକ ଦିନ ପାରାଦୀପ ବଡପଡିଆ ମାର୍କେଟ ଓ ମେଡିକାଲକୁ ଶହଶହ ଲୋକ ଆସୁଥିବା ବେଳେ ଅସହ୍ୟ ଗରମ ଯୋଗୁ ଆଶ୍ରୟ ନେବା ପାଇଁ କୌଣସି ଆଶ୍ରୟସ୍ଥଳୀ କିମ୍ବା ପାନୀୟ ଜଳର ଘୋର ଅଭାବ ଦେଖା ଦେଇଥିବା ବେଳେ ପ୍ରସ୍ତୁତ ଟ୍ରଷ୍ଟ ତରଫରୁ ଜଳସେବା ଶିବିର ଉଦଘାଟନ ହୋଇଛି। ପ୍ରସ୍ତୁତ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଭଗବାନ୍ ସ୍ୱାଇଁ, ପ୍ରସନ୍ନ କୁମାର ପରିଡ଼ା, ବିଜୟ ବେହେରା, ପ୍ରଭାତ କୁମାର ଜେନା ଓ ସଭାପତି ମିଳନ ସାହାଣୀ ଓ ଶାଗର ବିଶ୍ୱାଳ, ସଞ୍ଜୟ କୁମାର ସ୍ୱାଇଁ, ତାପସ୍ ଲେଙ୍କା, ଜୀବନ ସାମନ୍ତରାୟ, ଆଶିଷ ବେହେରାଙ୍କ ସହିତ ଟ୍ରଷ୍ଟର ଅନ୍ୟ ସଦସ୍ୟମାନଙ୍କୁ ସାଧାରଣରେ ପ୍ରଶଂସା କରାଯିବା ସହିତ ଟ୍ରଷ୍ଟର ଏହିଭଳି ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରି ଆସୁଛି ବୋଲି ଟ୍ରଷ୍ଟର ସଦସ୍ୟମାନେ କହିଛନ୍ତି। ଆଗକୁ ଏହିପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ସୁଜନପୁରରେ କାନନ ମେମୋରିଆଲ ଡ୍ରାମା ଉତ୍ସବ ଉଦ୍‌ଘାଟିତ



**ଯାଜପୁର,(ଡିକେ ନ୍ୟୁଜ):** ଏହି ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତ ହସନପୁର ଗ୍ରାମରେ ଚଳିତ ବର୍ଷ ପାଇଁ ୩୪ତମ ବାର୍ଷିକ କାନନ ମେମୋରିଆଲ ଡ୍ରାମା ଉତ୍ସବ ଶୁଭାରମ୍ଭ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ବରୀ ନିର୍ବାଚନ ମଣ୍ଡଳୀର ଯୁବ ଭାଜପା ନେତା ସଞ୍ଜୀବ କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗଣେଶ୍ୱର ମହାକୁଡ଼, ନାଟ୍ୟ ନିର୍ଦ୍ଦେଶକ ଅରୁଣ ରାଉତରାୟ, ଯୁବ ବ୍ୟବସାୟୀ ଦିବ୍ୟରଞ୍ଜନ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରଥମ ରଜନୀର ଡ୍ରାମା ଓ ମଞ୍ଚ ଉଦଘାଟନ କରିଥିଲେ। ସ୍ଥାନୀୟ ଅଧିବାସୀ ଓ ଉତ୍ସହୀ ଯୁବ ବର୍ଗଙ୍କ ଦ୍ୱାରା ଆୟୋଜିତ ଏହି ଡ୍ରାମା ଦୁଇ ରାତି ଧରି ଚାଲୁ ରହିବ ଯାହାକି ସମାଜରେ ସଚେତନ ଓ ଭାଇ ଚାରା ସୁଦୃଢ଼ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଅଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ସଂଜୀବ ଜେନା, ଓଏଏସ ପାଇଥିବା ଏହି ଗାଁର ଝିଅ ସୂର୍ଯ୍ୟଙ୍କିତା ସାହୁ , ନାଟ୍ୟ ନିର୍ଦ୍ଦେଶକ ଅରୁଣ ରାଉତରାୟ ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସୁଜନପୁରବାସୀ ତାଙ୍କୁ ଭଲ ପାଆନ୍ତି, ସେ ମଧ ସୁଜନପୁରରେ ବିଭିନ୍ନ କାର୍ଯ୍ୟରେ ଯୋଗ ଦେଇ ବେଶ ଖୁସି ଅନୁଭବ କରନ୍ତି ବୋଲି ସଂଜୀବ ନିଜ ଅଭିଭାଷଣରେ ମତ ଦେଇଛନ୍ତି , ଅନୁଷ୍ଠାନକୁ ସେ ନିଶ୍ଚୟ ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜିଲ୍ଲାପ୍ରେସ କ୍ଲବର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଖୋର୍ଦ୍ଧା, କୁଜଙ୍ଗ,(ଡିକେ ନ୍ୟୁଜ):** ଜିଲ୍ଲା ପ୍ରେସ କ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରେସ କ୍ଲବର ଆଗାମୀ କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କର ସାମ୍ବାଦିକମାନଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିବା ନିଷ୍ପତ୍ତିକୁ ଏହି ବୈଠକରେ ଅସମ୍ମତି ପ୍ରକାଶ ପାଇଥିଲା। ଏ ସଂପର୍କରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ। ଏଥିସହିତ ଦେଶର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କର ସମସ୍ତ ନିଷ୍ପତ୍ତିକୁ ଜିଲ୍ଲା



ପ୍ରେସ କ୍ଲବ ପକ୍ଷରୁ ଦୃଢ ସମର୍ଥନ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ଉପଦେଷ୍ଟା ତପନ କୁମାର ନାୟକ, ଉପ-ସଭାପତି ଲଳିତ ମୋହନ ମହାପାତ୍ର, ପ୍ରସନ୍ନ କୁମାର ପାଇକରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ମହମ୍ମଦ ମୋତାହାର ୟୁସୁଫ, ଶୁଭକାନ୍ତ ମହାପାତ୍ର, ସୟଦ ଲିୟାକତ ଅଲ୍ଲୀ, ରଞ୍ଜିତ ପାଟଶାଣୀ, କୁତୁବୁଦ୍ଦିନ ଖାଁ, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲା ପ୍ରେସ କ୍ଲବର ସମସ୍ତ ସଭ୍ୟଙ୍କ ସହଯୋଗରେ ଆଗାମୀ ବର୍ଷ ନିମନ୍ତେ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବାକୁ ଉପଦେଷ୍ଟା ତପନ କୁମାର ନାୟକଙ୍କ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା।

# ଭିତ୍ତିପ୍ରସ୍ତର ହୋଇ ଦେଢ଼ବର୍ଷ ପରେ ମଧ କାର୍ଯ୍ୟ ଆରମ୍ଭ ହେଲା ନାହିଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ):** ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତମାନର ଚିକିତ୍ସା ସହ ସମସ୍ତ ପରୀକ୍ଷା ପାଇଁ ଯନ୍ତ୍ରପାତି ଯୋଗାଇବା ସହ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଲୋକଙ୍କୁ ଚିକିତ୍ସାରେ ଅବହେଳା ହେବନାହିଁ ବୋଲି ପୂର୍ବ ସରକାର ପ୍ରତିଶୃତି ଦେଇଥିଲେ। ବାସ୍ତବରେ ଗ୍ରାଉଣ୍ଡରୁ ଜୀରକୁ ଗଲେ ପ୍ରଚାର ସର୍ବସ୍ୱ ବୋଲି ଆଲୋଚନା ହେଉଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ବହୁ ମେଲେରିଆ, ଡାଇରିଆ, ଝାଡାବାନ୍ତି, ଶିଶୁ ମୃତ୍ୟୁ, ଗର୍ଭବତୀଙ୍କ ମୃତ୍ୟୁ, ପ୍ରସୁତି ମହିଳାଙ୍କ ଯନ୍ତ୍ରଣା ପ୍ରସମିତ କରି ଉନ୍ନତମାନର ଡାକ୍ତରଖାନା କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ବାସ୍ତବରେ ଏହି ବ୍ଲକରେ କେବଳ ଭିତ୍ତିପ୍ରସ୍ତରରେ ସୀମିତ କହିଲେ ଭୁଲ ହେବନାହିଁ। କିନ୍ତୁ ଗତ ୨୩ ମସିହା ନଭେମ୍ବର ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରି ଦେଢ଼ ବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନାହିଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏକ ବଣ ଭିତରେ ଭିତ୍ତିପ୍ରସ୍ତର ପଲକ ପୋତାଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ ଭିତ୍ତିପ୍ରସ୍ତର ସ୍ଥାପନା ହୋଇଥିବା କାହାରିକୁ ଜଣାନାହିଁ କି କିଏ ଦେଖି ନଥିଲେ। ବର୍ତ୍ତମାନ ଗ୍ରୀଷ୍ମ ଦିନ ଆସିଥିବାରୁ ଘଛ ଗୁଡ଼ାକ ମରିଯିବାରୁ ଫଳକ ବାହାରକୁ ଦେଖିବାକୁ ମିଳୁଛି। ଏହି ବ୍ଲକରେ ସତୁରୀରୁ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ କାଶୀପୁର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ, ଥୁଆମୂଳ ରାମପୁର ଭଳି ବ୍ଲକର ଲୋକ ମଧ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିଲେ ମଧ ଏଠାରେ ଡାକ୍ତର ଓ




କର୍ମଚାରୀଙ୍କ ଅଭାବ ଯୋଗୁ ରେଫରାଲ ଡାକ୍ତରଖାନା ପାଲଟି ଯାଇଛି। ଗରିବ ଲୋକେ ବଡ଼ ଡାକ୍ତରଖାନା ଯିବା ପାଇଁ ଟଙ୍କା ନ ଥିବାରୁ କ୍ୟୁଆକଙ୍କ ନିକଟରେ ଚିକିତ୍ସା ହୋଇ ସର୍ବସାନ୍ତ ହୋଇ କିଏ ଭଲ ହେଉଛି ତ କିଏ ମୃତ୍ୟୁ ବରଣ କରୁଛନ୍ତି। ଏଠାରେ ଆଠ ଜଣ ବିଶେଷଜ୍ଞ ଡାକ୍ତର, ଦୁଇ ଫାର୍ମାସିଷ୍ଟ, ଦୁଇ ଟେକନୋସିୟନ ରହିବାର ନିୟମ ରହିଥିଲେ ମଧ ଏମିତି କେହିଜଣେ ମଧ ନଥିବାରୁ ଆୟୁଷ ଓ ଏମବିବିଏସ ଡାକ୍ତର ଓ କେବେ ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋଗୀକୁ ଔଷଧ ଦେଉଥିବା ନଜର ରହିଛି। ସିଏଚସି ହୋଇଥିବା ବେଳେ ଏଠାକାର ଔଷଧ କେନ୍ଦ୍ରରୁ ତିନିଟି ପିଏ ସି ଓ ସମସ୍ତ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦେବା ପାଇଁ ଅସ୍ଥାୟୀ କର୍ମଚାରୀ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଗତ ତିନି ବର୍ଷ ପୂର୍ବେ ନୂତନ କରି ନିର୍ମାଣ ହୋଇଥିଲେ ମଧ କାନ୍ଥ ଫାଟି ଗଲାଣି, ଛାତରୁ ପାଣି ଗଳି ଲକ୍ଷ ଲକ୍ଷ ଟଙ୍କାର ଔଷଧ ନଷ୍ଟ ହେଲାଣି। ଅନ୍ତଃ ବିଭାଗରେ କେଉଁଠି ଲାଇଟ ଜଳୁନି ତ କେଉଁଠି ଫ୍ୟାନ ବୁଲୁନି ରୋଗୀ କଲବଲ ହେବାକୁ ପଡୁଛି। ଏହି ନିର୍ମାଣ ହେବାକୁ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଗ୍ରାମଠାରୁ ପ୍ରାୟ ଚାରି କିମି ହେଉଥିବାରୁ ଲୋକଙ୍କ ମଧ୍ୟରେ ଅନିଚ୍ଛା ପ୍ରକାଶ ପାଇବା ବେଳେ ସର୍ବ ପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁଣି ନୂଆ କରି ନିର୍ମାଣ କରିବାକୁ ସାଧାରଣରେ ଚର୍ଚ୍ଚା ହେଉଛି। ନୂତନ ସରକାର ଆସିବା ପରେ ବ୍ଲକବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

## ଦ୍ୱାଦଶତମ ଅନୁଗୋଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦଘାଟିତ

# ଅନୁଗୋଳରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓ ୫୦ ହଜାର ଚାକିରୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ



ଅନୁଗୋଳ, (ଡିକେ ନ୍ୟୁଜ୍): ଦ୍ୱାଦଶତମ ଅନୁଗୋଳ ମହୋତ୍ସବ-୨୦୨୫ ଓ ପଲ୍ଲିଶ୍ରୀ ମେଳାକୁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମ ଠାରେ ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ସର୍ବପ୍ରଥମେ ଅନୁଗୋଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଏବଂ ମହାପ୍ରଭୁ ଜଗନ୍ନାଥ, ମା'ବୁଢୀ ଠାକୁରାଣୀ ଓ ମା' ହିଙ୍ଗୁଳାଙ୍କ ନିକଟରେ ଅନୁଗୋଳବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା'ବୁଢୀ ଠାକୁରାଣୀ ପୀଠ, ମଦନ ମୋହନ ମନ୍ଦିର, ପୁରୁଣାଗଡର ମା'କନକ ଦୁର୍ଗା, ମା'କଳାପାଟ, ପାତ୍ରପଡାର ମା'ବାୟାଣୀପୀଠ, କୋଶଳାର ରାମଚଣ୍ଡି ପିଠ, ତାଳଚେର ମା'ହିଙ୍ଗୁଳା ପିଠ, ଗଡସନ୍ତ୍ରୀର ମା'ଲୋଭୀ ଠାକୁରାଣୀ, ଆଠମଲ୍ଲିକ ମା' ଦିନକେଇ ଓ ଦେଉଳଝରୀ ଭଳି ବହୁ ପୁରାତନ ଦେବାଦେବୀ ସ୍ଥଳୀ ଜିଲ୍ଲାର ଧାର୍ମିକ ଓ ଆଧ୍ୟାତ୍ମିକ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ। ଓଡିଆ ଅସ୍ମିତା ଏବଂ ଓଡିଆ ସଂସ୍କୃତିକୁ ଅଙ୍ଗେ ଅଙ୍ଗେ ପାଳନ କରୁଥିବା ଅନୁଗୋଳ ଜିଲ୍ଲା ସେବା, ସଂସ୍କାର ଓ ଓଡିଆ ସାମାଜିକ ସଂହତିର ଜଳନ୍ତ ଉଦାହରଣ ଏବଂ ଶିକ୍ଷା, କ୍ରୀଡା ଓ ବୈଷୟିକ ଜ୍ଞାନ ଆଦି କ୍ଷେତ୍ରରେ ଏହି ଜିଲ୍ଲା ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବାରେ ସକ୍ଷମ ହୋଇପାରିଛି ବୋଲି ସେ କହିଥିଲେ। ରାଜା ସୋମନାଥ ସିଂହଙ୍କ ବ୍ରିଟିଶ ବିରୋଧୀ ଲଢେଇ, ପବିତ୍ର ମୋହନ ପ୍ରଧାନଙ୍କ ଗଡଜାତ ବିରୋଧୀ ପ୍ରଜାମଣ୍ଡଳ ଆନ୍ଦୋଳନ, ନୃସିଂହ ରାୟଗୁରୁ ଓ ରାଧାମୋହନ ଗଡନାୟକଙ୍କ ଭଳି ମହାନ ମନିଷୀମାନଙ୍କ ଅତୁଳନୀୟ ଅବଦାନ ଏହି ମାଟିର ମହତ୍ୱକୁ ଜାତୀୟ ସ୍ତରରେ ଗୌରାବାନ୍ୱିତ କରିଛି ବୋଲି ସେ କହିଥିଲେ। ମହାନ ଗାନ୍ଧୀବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ମାଳତୀ ଚୌଧୁରୀଙ୍କ ଏହି ମାଟିକୁ ନିଜର କର୍ମଭୂମୀ ଭାବେ ସ୍ୱିକାର କରିଥିଲେ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ବାଜିରାଉତ ଆଶ୍ରମ ସ୍ଥାପନ କରିଥିଲେ ବୋଲି ସେ କହିଥିଲେ। ଏହି ଅବସରରେ ସେ ଏହି ଆଶ୍ରମର ପୂର୍ବ ଗୌରବ, ଏହାର ସର୍ବାଙ୍ଗୀନ ଉନ୍ନତି ଓ ଗୁଣାତ୍ମକ ମାନ ବଢାଇବେ ବୋଲି କହିଥିଲେ। ଏହି ଅବସରରେ ବାଜିରାଉତ ଛାତ୍ରାବାସ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିମନ୍ତେ ୧ କୋଟି ୨୫ ଲକ୍ଷ ଟଙ୍କ ମଞ୍ଜୁର କରିଥିଲେ ଏବଂ ଏକ ସ୍ମୃତି ପୀଠ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଅନୁଗୋଳରେ ବୃହତ ରାଷ୍ଟ୍ରାୟତ କମ୍ପାନୀ ସହିତ ବେସରକାରୀ ଉଦ୍ୟୋଗୀମାନେ ଏହି ଜିଲ୍ଲାକୁ ଓଡିଶାର ଶିଳ୍ପ ମାନଚିତ୍ରରେ ସ୍ଥାନ ଦେଇଛି ଏବଂ ଏହି ଅଞ୍ଚଳର ରାଜ୍ୟ ଓ ଦେଶର ଅର୍ଥନୀତିରେ ବଳିଷ୍ଠ ଯୋଗଦାନ ରହିଛି। ଶିଳ୍ପ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅନୁଗୋଳ ଜିଲ୍ଲାର ବିକାଶକୁ ତାଙ୍କ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି ବୋଲି ମଧ୍ୟ ସେ କହିଥିଲେ। ଆଗାମୀ ବର୍ଷରେ ଅନୁଗୋଳରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓ ୫୦ ହଜାର ଚାକିରୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖୁଛନ୍ତି ବୋଲି ସେ କହିଥିଲେ। ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟ ସମେତ ଅନୁଗୋଳର ବିକାଶ ଧାରା ତ୍ୱରାନ୍ୱିତ ହୋଇଛି ଏବଂ ବହୁ ପ୍ରତିକ୍ଷିତ ଅନୁଗୋଳ ବାରମାସ ରାସ୍ତାର କାର୍ଯ୍ୟ ଏହି ପାଖାପାଖି ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ସେ କହିଥିଲେ। ସେହିପରି ତାଳଚେର ବିମଳାଗଡ ରେଳ ଲାଇନ, ରାଜ୍ୟ ରାଜପଥ ୫୫ (କଟକରୁ ସମ୍ବଲପୁର) ପ୍ରକଳ୍ପ ରାସ୍ତା ୪ ଲେନରୁ ୬ ଲେନ୍ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସେ ଜିଲ୍ଲାର ୯ ବିଭାଗର ୩୫୦ କୋଟି ୭୬ ଲକ୍ଷ ଟଙ୍କାର ମୋଟ ୪୫ଟି ପ୍ରକଳ୍ପର ଉଦଘାଟନ ଓ ୪୪୯ ଲକ୍ଷ ଟଙ୍କାର ମୋଟ ୮୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଏବଂ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ସ୍ୱପ୍ନକୁ ସାକାର କରିବା ପାଇଁ ଅନୁଗୋଳ ଜିଲ୍ଲାର ଏକ ବହୁତ ବଡ ମହତ୍ତ୍ୱ ରହିବ ବୋଲି ସେ କହିଥିଲେ ଅବସରରେ ସେ ସ୍ୱାସ୍ଥ୍ୟ କ୍ଷେତ୍ରରେ କବିତା ରାଉତ (ମହିଳା ସ୍ୱାସ୍ଥ୍ୟ କର୍ମୀ), କାଞ୍ଚନ ପ୍ରଧାନ ଆଶାକର୍ମୀ, ଅମ୍ବୁଜ ଗଡନାୟକ ଶିକ୍ଷକ, ଜ୍ୟୋତ୍ସ୍ନାରାଣୀ ଗଡନାୟକ ଅଙ୍ଗନାୱାଡି କର୍ମୀ, ନୁର ହୁସେନ ଖାନ୍ (ପାରା ବ୍ୟାଡମିଟନ ଖେଳାଳୀ)ଙ୍କୁ ସମ୍ବର୍ଦ୍ଧନା କରିଥିଲେ। ୨୦୨୫ ମସିହା ଅନୁଗୋଳ ମହୋତ୍ସବର ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିଥିଲେ।

## ପିଇବା ପାଣି ପାଇଁ ୨ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ ଠେଲାପେଲା

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲାରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନଦୀ, ନାଳ, କୂଅ, ପୋଖରୀ ଆଦି ଶୁଖି ଯିବା ଯୋଗୁଁ ପାଣି ମୁନ୍ଦାଏ ପାଇଁ ଲୋକେ ତହଳ ବିକଳ ହେଉଛନ୍ତି ଗଜପତି ଜିଲ୍ଲାର ଆଶ୍ରୟଗଡ଼ ଗ୍ରାମରେ ପିଇବା ପାଣିର ଘୋର ଅଭାବ ପରିଲକ୍ଷିତ ହୋଇଛି। ପାଣି ପାଇଁ ୨ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ ଠେଲାପେଲା ନିତିଦିନିଆ ସମସ୍ୟାରେ ପହଞ୍ଚିଛି। ଏହି ପାଣି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଗୁମ୍ମା ବିଡ଼ିଓଙ୍କୁ ସାକ୍ଷାତ କରି ପାଣି ପାଇଁ ନିବେଦନ କରିଥିଲେ। ହେଲେ ବିଡ଼ିଓ ପାଣି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ କହିଥିଲେ ମୋ ତ୍ରରେ ପାଣି ନାହିଁ। ମୁଁ କେମିତି ପାଣି ଯୋଗାଇବି। ବିଡ଼ିଓଙ୍କ ଏଭଳି ଉତ୍ତରକୁ ନେଇ ଗ୍ରାମବାସୀମାନଙ୍କ ଠାରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ଲୋକଙ୍କୁ ସେବା ପାଇଁ ସରକାର ବିଡ଼ିଓମାନଙ୍କୁ ନିଯୁକ୍ତି ଦେଇଛନ୍ତି। ହେଲେ ଗୁମ୍ମା ବିଡ଼ିଓଙ୍କ ଏପରି ଉତ୍ତର ନେଇ ସରକାର ଓ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ପାଇଁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି। ବ୍ଲକର ମୁଖିଆ ଘଟଣାରୁ ପ୍ରକାଶ, ଆଶ୍ରୟଗଡ଼ ଗ୍ରାମବାସୀ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ସରକାର ତୋହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମୁଖ୍ୟତଃ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ତତ୍ପରତା ଦେଖାଉଥିବା ବେଳେ ଆଦିବାସୀ ଅଧୁଷିତ ଗୁମ୍ମା ବ୍ଲକ ଅନ୍ତର୍ଗତ ତରଭା ପଞ୍ଚାୟତର ଆଶ୍ରୟଗଡ଼ ଗ୍ରାମରେ ୧୮୦ ପରିବାର ବସବାସ କରନ୍ତି। ଏହି ଗ୍ରାମରେ ତିନୋଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପ ସମ୍ପୂର୍ଣ୍ଣ ଅଚଳ ବାକି ଦୁଇଟି ନଳକୂପରୁ କଳଙ୍କି ପାଣି ବାହାରୁଥିବା ବେଳେ ମନ୍ଥର ଗତିରେ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ପାଣି ସଂଗ୍ରହ ପାଇଁ ଗ୍ରାମର ମହିଳାମାନେ ପ୍ରତିଦିନ ଖଣ୍ଡଯୁଦ୍ଧ ଲାଗି ରହିଛି। ଏନେଇ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡିଙ୍କୁ ଗ୍ରାମର ପାଣି ସମସ୍ୟା ସମ୍ପର୍କରେ ଅବଗତ ନିମନ୍ତେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଦୁଃଖ ଆଉ ପରିତାପର ବିଷୟ ଯେ ବିଡ଼ିଓ ସମସ୍ୟାର ସମାଧାନ ପରିବର୍ତ୍ତେ ମୋ ତ୍ରରେ ପାଣି ନାହିଁ ମୁଁ କେମିତି ଦେ ବୋଲି କହିଛନ୍ତି ବୋଲି ମୁନି ଲିମ୍ମା, ବକସେବା ପାଣି, ଉତର୍ଗିତା ସିଂ, ମାନୁମା ଲିମ୍ମା, ବିନିତା ପାଣି, ସୁପ୍ରିୟା ଲିମ୍ମା, ତରୁଣୀ ପରିଚ୍ଛା ଓ ଭାନୁମା କର କହିଛନ୍ତି। ଆସନ୍ତା ଦିନରେ ସମସ୍ୟାର ସମାଧାନ ନହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀମାନେ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ପହଲଗାମ ପୀଡିତଙ୍କୁ...

ଦୀର୍ଘପଥ ଅତିକ୍ରମ କରିଛୁ। ମହାକାଶରେ ଭାରତର ସ୍ୱପ୍ନର ଏହି ଯାତ୍ରା ଦିନେ ଆମ ସାହସ ଯୋଗୁଁ ହିଁ ଆରମ୍ଭ ହୋଇଥିଲା। ଦେଶ ପାଇଁ କିଛି କରିବାର ଉତ୍ସାହ ରହିଥିବା କିଛି ଯୁବ ବୈଜ୍ଞାନିକ - ଯାହାଙ୍କ ପାଖରେ ନ ଥିଲା ଆଜି ଭଳି ଆଧୁନିକ ସୁବିଧା-ସୁଯୋଗ, ନା ତାଙ୍କର ହାତପାଆନ୍ତାରେ ଥିଲା ବିଶ୍ୱସ୍ତରୀୟ ଜ୍ଞାନକୌଶଳ - ଯଦି କିଛି ଥିଲା, ତାହାଥିଲା ପ୍ରତିଭା, ନିଷ୍ଠା, ପରିଶ୍ରମ ଏବଂ ଦେଶ ପାଇଁ କିଛି କରିବାର ଉତ୍ସାହ। ଶଗଡ଼ ଓ ସାଇକେଲରେ ସମ୍ବେଦନଶୀଳ ଉପକରଣ ନିଜେ ବହନ କରି ନେଇଯାଉଥିବା ଆମ ବୈଜ୍ଞାନିକମାନଙ୍କ ଫଟୋଚିତ୍ର ଆପଣମାନେ ମଧ୍ୟ ଦେଖିଥିବେ। ସେହି ନିଷ୍ଠା ଏବଂ ଦେଶସେବା ଭାବନାର ଫଳ ହେଉଛି ଆଜିର ଏହି ବିରାଟ ପରିବର୍ତ୍ତନ। ଭାରତ ଆଜି ଏକ ବିଶ୍ୱ ମହାକାଶ ଶକ୍ତିରେ ପରିଣତ ହୋଇସାରିଛି। ୧୦୪ଟି ଉପଗ୍ରହକୁ ଏକସଙ୍ଗେ ପ୍ରେରଣ କରି ଆମେ ରେକର୍ଡ଼ ସୃଷ୍ଟି କରିଛୁ। ଆମେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରଥମ ଦେଶ ହେଇପାରିଛୁ। ଭାରତ ମଙ୍ଗଳ ଅର୍ବିଟର ମିଶନ ଉତକ୍ଷେପଣ କରିଛି ଏବଂ ଆମେ ଆଦିତ୍ୟ - ଏଲ୍୧ ମିଶନ ମାଧ୍ୟମରେ ସୂର୍ଯ୍ୟର ଯଥେଷ୍ଟ ନିକଟକୁ ପହଂଚିପାରିଛୁ। ଭାରତ ଆଜି ସାରାବିଶ୍ୱରେ ସବୁଠାରୁ ଅଧିକ ବ୍ୟୟବହୁଳ ରଥଚ ସଫଳ ମହାକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛି। ବିଶ୍ୱର ଅନେକ ଦେଶ ନିଜ ଉପଗ୍ରହ ଓ ମହାକାଶ ଅଭିଯାନ ପାଇଁ ଇସ୍ରୋର ସାହାଯ୍ୟ ଲୋଡୁଛନ୍ତି। ବନ୍ଧୁଗଣ, ଆମେ ଯେତେବେଳେ ଇସ୍ରୋ ଦ୍ୱାରା କୌଣସି ଉପଗ୍ରହ ପ୍ରେରଣର ଦୃଶ୍ୟ ଦେଖୁଁ, ସେତେବେଳେ ଆମେ ଗର୍ବ ଅନୁଭବ କରୁ। ସେହି ଅନୁଭୂତି ମୋର ହେଇଥିଲା, ଯେତେବେଳେ ମୁଁ ୨୦୧୪ରେ ପିଏସ୍ଏଲ୍‌ଭି-ସି-୨୩ ପ୍ରେରଣର ସାକ୍ଷୀ ହେଇଥିଲି। ୨୦୧୯ରେ ଚନ୍ଦ୍ରଯାନ-୨ର ଅବତରଣ ସମୟରେ ମଧ୍ୟ ମୁଁ ଇସ୍ରୋର ବାଙ୍ଗାଲୁରୁ କେନ୍ଦ୍ରରେ ଉପସ୍ଥିତ ଥିଲି। ସେତେବେଳେ ଚନ୍ଦ୍ରଯାନକୁ ଆଶାନୁଯାୟୀ ସଫଳତା ମିଳିନଥିଲା। ବୈଜ୍ଞାନିକମାନଙ୍କ ପାଇଁ ତାହା ଏକ କଷ୍ଟଦାୟକ ମୁହୂର୍ତ୍ତ ଥିଲା। କିନ୍ତୁ ମୁଁ ନିଜ ଆଖିରେ ବୈଜ୍ଞାନିକମାନଙ୍କ ଧାର୍ଯ୍ୟ ଏବଂ କିଛି କରିବାର ଉତ୍ସାହ ମଧ୍ୟ ଦେଖିପାରୁଥିଲି। ଆଉ, କିଛିବର୍ଷ ପରେ ସାରା ବିଶ୍ୱ ଦେଖିଲା, କିଭଳି ସେହି ବୈଜ୍ଞାନିକମାନେ ଚନ୍ଦ୍ରଯାନ-୩କୁ ସଫଳ କରିଦେଖାଇଲେ। ବନ୍ଧୁଗଣ, ଭାରତ ଏବେ ନିଜ ମହାକାଶ କ୍ଷେତ୍ରକୁ ଘରୋଇ କ୍ଷେତ୍ର ପାଇଁ ଉନ୍ମୁକ୍ତ କରିଦେଇଛି। ଆଜି ଅନେକ ଯୁବବନ୍ଧୁ ସ୍ପେସ୍ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି। ଦଶବର୍ଷ ପୂର୍ବେ ଏହି କ୍ଷେତ୍ରରେ ମାତ୍ର ଗୋଟିଏ କମ୍ପାନୀ ଥିଲା। କିନ୍ତୁ ଆଜି ଦେଶରେ ୩୨୫ରୁ ଅଧିକ ସ୍ପେଶ୍ ଷ୍ଟାର୍ଟଅପ୍ କାର୍ଯ୍ୟରତ। ଆଗାମୀ ସମୟ ମହାକାଶରେ ଅନେକ ନୂତନ ସମ୍ଭାବନା ନେଇଆସୁଛି। ଭାରତ ନୂତନ ଶିଖରକୁ ସ୍ପର୍ଶ କରିବ। ଦେଶ ଗଗନଯାନ, ସ୍ପେଡେଏକ୍ସ ଏବଂ ଚନ୍ଦ୍ରଯାନ-୪ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯାନର ପ୍ରସ୍ତୁତିରେ ଲାଗିଛି। ଆମେ ଶୁକ୍ର ଅର୍ବିଟର ମିଶନ ଏବଂ ମଙ୍ଗଳ ଲ୍ୟାଣ୍ଡର ମିଶନ ଉପରେ ମଧ୍ୟ କାମ କରୁଛୁ। ଆମ ମହାକାଶ ବୈଜ୍ଞାନିକମାନେ ନିଜର ନବସୃଜନ ମାଧ୍ୟମରେ ଦେଶବାସୀଙ୍କୁ ଆହୁରି ଗର୍ବିତ କରିବାକୁ ଯାଉଛନ୍ତି। ବନ୍ଧୁଗଣ, ଗତ ମାସ ମ୍ୟାଁମାରରେ ଘଟିଥିବା ଭୂମିକମ୍ପର ଭୟାବହ ଚିତ୍ର ଆପଣମାନେ ନିଶ୍ଚୟ ଦେଖିଥିବେ। ଭୂମିକମ୍ପ ଯୋଗୁଁ ସେଠାରେ ବଡ଼ଧରଣର କ୍ଷୟକ୍ଷତି ହେଲା। ଭଗ୍ନାବଶେଷ ତଳେ ଫସିରହିଥିବା ଲୋକଙ୍କ ପ୍ରତ୍ୟେକଟି ନିଃଶ୍ୱାସ, ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ ଥିଲା। ତେଣୁ, ଭାରତ, ମ୍ୟାଁମାରର ଆମ ଭାଇ-ଭଉଣୀଙ୍କ ପାଇଁ ତୁରନ୍ତ ଅପରେଶନ୍ ବ୍ରହ୍ମା ଆରମ୍ଭ କଲା। ବାୟୁସେନାର ଉଡ଼ାଜାହାଜ ଠାରୁ ଆରମ୍ଭ କରି ନୌସେନାର ଜାହାଜ ଯାଏଁ, ମ୍ୟାଁମାରର ସାହାଯ୍ୟ ପାଇଁ ବାହାରିପଡ଼ିଲେ। ଭାରତୀୟ ଦଳ ସେଠାରେ ଗୋଟିଏ ଅସ୍ଥାୟୀ ଡାକ୍ତରଖାନା ତିଆରି କଲା। ଇଞ୍ଜିନିୟରମାନଙ୍କ ଗୋଟିଏ ଦଳ ଗୁରୁତ୍ୱପୂର୍ଣ୍ଣ କୋଠାବାଡ଼ି ଏବଂ ଭିତ୍ତିଭୂମିର ହେଇଥିବା କ୍ଷତିର ଆକଳନ କରିବାରେ ସାହାଯ୍ୟ କଲା। ଭାରତୀୟ ଦଳ ସେଠାରେ କମ୍ବଳ, ତମ୍ବୁ, ସ୍ଲିପିଂ ବ୍ୟାଗ୍, ଔଷଧ, ଖାଦ୍ୟସାମଗ୍ରୀ ସହ ଆହୁରି ଅନେକ କିଛି ଯୋଗାଇଦେଲା। ଏହି ସମୟରେ ଭାରତୀୟ ଦଳକୁ ସେଠାକାର ଲୋକେ ବହୁତ ପ୍ରଶଂସା କଲେ। ବନ୍ଧୁଗଣ, ଏ ସଙ୍କଟ ସମୟରେ ସାହସ, ଧର୍ଯ୍ୟ ଓ ବୁଦ୍ଧିମତ୍ତାର ଅନେକ ହୃଦୟସ୍ପର୍ଶୀ ଉଦାହରଣ ସାମ୍ନାକୁ ଆସିଥିଲା। ଭାରତୀୟ ଦଳ ଜଣେ ୭୦ ବର୍ଷରୁ ଅଧିକ ବୟସ୍କ ମହିଳାଙ୍କୁ ଉଦ୍ଧାର କରିଛି, ଯିଏ ଭଗ୍ନସ୍ତୂପ ତଳେ ୧୮ ଘଣ୍ଟା ଧରି ଫସିରହିଥିଲେ। ଯେଉଁମାନେ ଏବେ ଟିଭିରେ 'ମନ୍ କି ବାତ' ଦେଖୁଛନ୍ତି, ସେମାନେ ସେହି ବୟସ୍କ ମହିଳାଙ୍କ ମୁହଁ ମଧ୍ୟ ଦେଖିପାରୁଥିବେ। ଭାରତରୁ ଯାଇଥିବା ଦଳ ତାଙ୍କର ଅମ୍ଳଜାନ ସ୍ତରକୁ ସ୍ଥିର ରଖିବା ଠାରୁ ଆରମ୍ଭ କରି ହାଡ଼ଭଙ୍ଗା ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ଯେତେବେଳେ ସେହି ବୃଦ୍ଧାଙ୍କୁ ଡାକ୍ତରଖାନାରୁ ଛୁଟି ମିଳିଲା, ସେ ଆମ ଦଳକୁ ବହୁତ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ ଭାରତୀୟ ଉଦ୍ଧାରକାରୀ ଦଳ ଯୋଗୁଁ ତାଙ୍କୁ ନୂଆ ଜୀବନ ମିଳିଛି। ଅନେକ ଲୋକ ଆମ ଦଳକୁ କହିଥିଲେ ଯେ ତାଙ୍କ ଯୋଗୁଁ ସେମାନେ ନିଜର ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଖୋଜିପାଇଛନ୍ତି। ବନ୍ଧୁଗଣ, ଭୂମିକମ୍ପ ପରେ ମ୍ୟାଁମାରର ମାଣ୍ଡେଲ୍ସ୍ଥିତ ଏକ ମଠରେ ମଧ୍ୟ ଅନେକ ଲୋକ ଫସିରହିଥିବା ଆଶଙ୍କା ଥିଲା। ଆମର ବନ୍ଧୁମାନେ ସେଠାରେ ମଧ୍ୟ ସହାୟତା ଓ ଉଦ୍ଧାର ଅଭିଯାନ ଚଳାଇଥିଲେ, ଯେଉଁଥିପାଇଁ ସେମାନେ ବୌଦ୍ଧଭିକ୍ଷୁମାନଙ୍କଠାରୁ ପ୍ରଚୁର ଆଶୀର୍ବାଦ ପାଇଥିଲେ। ଆମେ ଅପରେସନ ବ୍ରହ୍ମାରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କ ପାଇଁ ଗର୍ବିତ। ଆମର ପରମ୍ପରା, ଆମର ସଂସ୍କାର ବସୁଧୈବ କୁଟୁମ୍ବକମ୍ର ଭାବନା- ସମଗ୍ର ବିଶ୍ୱ ଗୋଟିଏ ପରିବାର। ସଙ୍କଟ ସମୟରେ ବିଶ୍ୱ-ବନ୍ଧୁ ରୂପେ ଭାରତର ତତ୍ପରତା ଓ ମାନବିକତା ପାଇଁ ଭାରତର ଅଙ୍ଗୀକାରବଦ୍ଧତା ଆମର ପରିଚୟ ପାଲଟିଛି।

### ଅସ୍ଥାୟୀ ମଣ୍ଡପରେ ମା' ବୁଢ଼ୀ...

ହୋଇଛି। ସେହିପରି ମାନସିକ ପୂରଣ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ବେଶ ପକାଇ ମା'ଦର୍ଶନ କରିନ୍ତି ଏବଂ ସ୍ଥାନୀୟ ପୁରୁଣା ଆମ୍ବ ମାର୍କେଟ, ଏସଏସଭିଟି ସିନେମା ହଲ ପଡିଆ ଠାରେ ମିନା ବଜାରରେ ପରିବାର ପକ୍ଷରୁ ଦୋଳି, ଡଙ୍ଗାରେ ବସି ଏହାର ମଜା ଉଠାଉଛନ୍ତି। ସେହିପରି ବ୍ରହ୍ମପୁର ଖାଦ୍ୟ ସାମଗ୍ରୀ ଅତି ସୁଆଦିଆ ଓ ଏହାର ପ୍ରବଳ ବିକ୍ରି ହେଉଥିବା ବେଳେ ଖାଇବା ଦେକାନ ଆଗରେ ଭିଡ ଜମି ଯାଉଛି। ସେହିପରି ସହରରେ ବିଭିନ୍ନ ସଙ୍ଗଠନମାନଙ୍କ ପକ୍ଷରୁ ଖାଦ୍ୟ ସାମଗ୍ରୀ ମାଗଣାରେ ବଣ୍ଟନ କରାଯାଉଛି। ଏହି ଖାଦ୍ୟ ସାମଗ୍ରୀ ଗ୍ରହଣ କରିବା ପାଇଁ ଲମ୍ବା ଲାଇନ ଲଗି ଯାଉଛି। ସେହିପରି ମାଁ ବୁଢ଼ୀ ଠାକୁରାଣୀଙ୍କ ଘଟ ଦର୍ଶନ କରି ହେଉ କି ଅସ୍ଥାୟୀ ମନ୍ଦିରରେ ଦର୍ଶନ କରିବାକୁ ଆସି ଦେଶୀ ବେହେରା ସାହିରେ ପ୍ରବଳ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଛି। ଏବେ ବେସ ଚଳଚଞ୍ଚଳ ହୋଇ ଉଠିଛି ରେଶମ ସହର ବ୍ରହ୍ମପୁର। ମା'ଙ୍କ ଯାତ୍ରା ଯେତେ ପ୍ରସିଦ୍ଧ ଆଉ ପରମ୍ପରା ମଧ୍ୟ ସେତେ ନିଆରା। ଆଜି ମା'ଘଟ ପରିକ୍ରମା ପ୍ରଥମେ ରାଜ ବାଟି ଠାରେ ମହୁରୀ ରାଜଙ୍କ ପକ୍ଷରୁ ପୂଜା ଅର୍ଚ୍ଚନା କରି ଆଳତୀ ପରେ ରାଜ ବାଟିରୁ ସାହି କୁ ସାହି ପରିକ୍ରମା କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ପରେ ଦେଶୀ ବେହେରା ସାହି ଅସ୍ଥାୟୀ ମନ୍ଦିରକୁ ମା'ଫେରିଥାନ୍ତି। ଘଟ ଯାତ୍ରା ବେଳେ ହଜାର ହଜାର ଭକ୍ତଙ୍କ ଗହଣରେ ମା'ଙ୍କ ପାଦ ଧୋଇବାକୁ ମହିଳାମାନଙ୍କ ପକ୍ଷରୁ ହଳଦୀ ପାଣି କୁଙ୍କୁମ ଲେପନ କରି ଥିଲେ। ଘଟ ପରିକ୍ରମା ବେଳେ ପ୍ରବଳ ବାଦ୍ୟ ବାଜଣା ଘଣ୍ଟା ଘଣ୍ଟ ମୃଦଙ୍ଗ ତାଳ ଢୋଲ ମହୁରୀ ସହିତ ମୁଖା ନାଚରେ ଅଞ୍ଚଳ ପ୍ରକମ୍ପିତ ହୋଇ ଯାଇଥିଲା। ମା'ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ଉଦଘାଟନ ହୋଇ ଥିବା ରଥ ଗୁଡ଼ିକୁ ଦେଖିବା ନିମନ୍ତେ ସାହି ସାହିରେ ଆଲୋକ ମାଳା ସୁସଜ୍ଜିତ କରାଯାଇ ଥିବା ବେଳେ ହଜାର ହଜାର ଭକ୍ତଙ୍କ ପ୍ରବଳ ଭିଡ଼ ଜମି ଏହାର ମଜା ଉଠାଉଛନ୍ତି।

### ୪୮ ଘଣ୍ଟାର...

ବର୍ତ୍ତମାନ ସୁଦ୍ଧା କେବଳ ସାର୍କ ଭିସାର ମିଆଦ ଶେଷ ହୋଇଛି। ୨୭ ଏପ୍ରିଲ ପରେ ଅନ୍ୟ ଭିସା ବେଆଇନ ହୋଇଯିବ, କିନ୍ତୁ ମେଡିକାଲ ଭିସାରେ ଭାରତ ଆସିଥିବା ପାକିସ୍ତାନୀ ନାଗରିକମାନେ ୨୯ ଏପ୍ରିଲ ପର୍ଯ୍ୟନ୍ତ ଭାରତରେ ରହିପାରିବେ। ବୈଦେଶିକ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତରେ ରହୁଥିବା ଯେକୌଣସି ପାକିସ୍ତାନୀ ନାଗରିକ ଯିଏ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସମୟ ସୀମା ମଧ୍ୟରେ ଭାରତ ଛାଡି ନାହାନ୍ତି, ତାଙ୍କୁ ଅଧିକ ସମୟ ଧରି ବାସ କରୁଥିବା ବିଦେଶୀ ନାଗରିକ ଭାବରେ ବିବେଚନା କରାଯିବ। ଯାହା ପରେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ର ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ୨୪ ଏପ୍ରିଲରେ ୨୭ ଏପ୍ରିଲରୁ ପାକିସ୍ତାନୀ ନାଗରିକଙ୍କୁ ଦିଆଯାଇଥିବା ସମସ୍ତ ଭିସା ବାତିଲ କରିବାର ଘୋଷଣା କରିଥିଲେ। ଭାରତ ସରକାରଙ୍କ ନିଷ୍ପତ୍ତିର ପ୍ରଭାବ ଏବେ ଅଟାରୀ-ୱାଘା ସୀମାରେ ଦୃଶ୍ୟମାନ ହେଉଛି। କେନ୍ଦ୍ରର ଘୋଷଣା ପରଠାରୁ, ପାକିସ୍ତାନୀ ନାଗରିକମାନେ ବହୁ ସଂଖ୍ୟାରେ ନିଜ ଦେଶକୁ ଫେରୁଛନ୍ତି। ଯାହା ଯୋଗୁ ଅଟାରୀ-ୱାଘା ସୀମାରେ ଏକ ବିରାଟ ଭିଡ଼ ଜମିଛି। ପହଲଗାମ ଆକ୍ରମଣ ପରେ, କେନ୍ଦ୍ର ସରକାର ପାକିସ୍ତାନର ଜବାବରେ, ଭାରତରେ ନିୟୋଜିତ ପାକିସ୍ତାନୀ ସାମରିକ ପରାମର୍ଶଦାତାଙ୍କୁ ବହିଷ୍କାର କରିବା, ୧୯୬୦ର ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିବା ଏବଂ ଅଟାରୀ-ୱାଘା ସୀମା ପୋଷ୍ଟକୁ ତୁରନ୍ତ ବନ୍ଦ କରିବା ସମେତ ଅନେକ ପ୍ରମୁଖ ନିଷ୍ପତ୍ତି ନେଇଥିଲେ। ଯେଉଁଥିରେ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ କରିବାର ନିଷ୍ପତ୍ତି ମଧ୍ୟ ସାମିଲ ଥିଲା। ଏହା ପରେ, ଭାରତରେ ଥିବା ପାକିସ୍ତାନୀ ନାଗରିକଙ୍କ ମଧ୍ୟରେ ଦେଶ ଛାଡିବା ପାଇଁ ଏକ ଦୌଡ଼ ଆରମ୍ଭ ହୋଇଯାଇଥିଲା।

### ଖୁବଶୀଘ୍ର ବ୍ରହ୍ମପୁରରେ ହେବ...

ଦୃଷ୍ଟି ଦେବୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣମାନଙ୍କ ଦାବି ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୫ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖିଥିଲେ। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ ନୌସେନା...

ଯୁଦ୍ଧଜାହାଜ ଆଇଏନଏସ ସୁରତରୁ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରି ଶତ୍ରୁମାନଙ୍କୁ ଏକ କଡ଼ା ବାର୍ତ୍ତା ଦେଇଥିଲା। ନୌସେନା ଏକ ମଧ୍ୟମ ଦୂରଗାମୀ ଭୂମିରୁ ଆକାଶ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରିଥିଲା। ନୌସେନା ଅନୁଯାୟୀ, ଏହି ସମୟ ମଧ୍ୟରେ, ଭାରତର ସ୍ୱଦେଶୀ କ୍ଷେପଣାସ୍ତ୍ର ବିଧ୍ୱଂସକ ଜାହାଜ ଆଇଏନଏସ ସୁରତ ସମୁଦ୍ରରେ ଲକ୍ଷ୍ୟଭେଦ କରିବାରେ ସଫଳତାର ସହ ସଫଳ ହୋଇଛି। ପରୀକ୍ଷଣ ସମୟରେ, ଭାରତୀୟ ନୌସେନାର ସର୍ବଶେଷ ସ୍ୱଦେଶୀ ନିର୍ମିତ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ ଆଇଏନଏସ ସୁରତ ସମୁଦ୍ରରେ ଏକ ଲକ୍ଷ୍ୟକୁ ସଠିକ୍ ଭାବରେ ଲକ୍ଷ୍ୟଭେଦ କରିଥିଲା।

## ଗୁଡହାଣ୍ଡି ଡୋକରିଚଞ୍ଚରା ଇଟିସି କମିଟି ପକ୍ଷରୁ ଚନ୍ଦନ ଯାତ୍ରା ପ୍ରସ୍ତୁତି

ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରାରେ ଗତ ମାସ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ନବମୀ ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ଇକୋ ଟୁରିଜମ ଗ୍ରୁପ ପକ୍ଷରୁ ମହୋତ୍ସବକୁ ପରିଚାଳନା ପାଇଁ ଧର୍ମଗଡ଼ ବନାଞ୍ଚଳ ପକ୍ଷରୁ ଦାୟିତ୍ୱ ନିର୍ବାହ କରିଥିଲେ। ଶାନ୍ତି ଶୃଙ୍ଖଳା ଓ ସୁରୁଖୁରୁରେ ଏହି ମହୋତ୍ସବକୁ ପାଳନ କରିଥିଲେ। ଏହି ସଂକ୍ରାନ୍ତରେ ରବିବାର ଡୁଡୁକାଠେଙ୍ଗା ପଞ୍ଚାୟତ ଧାନ ମଣ୍ଡି ପରିସରରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଇଟିସି କମିଟିର ସଭାପତି ଡମ୍ବରୁ ମାଝୀଙ୍କ ସଭାପତିତ୍ୱରେ ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁଡୁକାଠେଙ୍ଗା, ମୁନୁଗାପଦର, ଧୋବେନ ଚଞ୍ଚରା, ପୋଡାଖୋଲ, ଖଲିଗଡ଼, ଦରଲୀପଡା ଗ୍ରାମବାସୀମାନେ ଉପସ୍ଥିତ ରହି ବୈଠକରେ ନିଜର ମତାମତ ପ୍ରଦାନ କରିବା ସହ ଆଗାମୀ ଦିନରେ ଗୁଡହାଣ୍ଡି ଡୋକରିଚଞ୍ଚରାରେ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବୈଶାଖ ମାସରେ ଚନ୍ଦନ ଯାତ୍ରା ପାଳନ ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଶୃଙ୍ଖଳିତ ଭାବେ ଏହି ନୂତନ କମିଟି ଦାୟିତ୍ୱ ନିର୍ବାହ କରିଥିଲେ। ଆୟବ୍ୟୟ ହିସାବ ପରେ ମୋଟ ୧ ଲକ୍ଷ ୨୩ ହଜାର ଟଙ୍କା ଜମାରାଶି କାମୀ ନିକଟରେ ବଳକା ସଂଗୃହିତ ହୋଇଥିବା ନେଇ କମିଟି ପକ୍ଷରୁ ସମ୍ପାଦକ ମଣିରାମ ବାଣୁଆ ସୂଚନା ଦେଇଥିଲେ। ଏହି ବୈଠକରେ ଡୁଡୁକାଠେଙ୍ଗା ପଞ୍ଚାୟତର ଇଟିସି କମିଟିର ସାଧାରଣ ସମ୍ପାଦକ ଖଗେଶ୍ୱର ପାଣିଗ୍ରାହୀ, ବନମାଳୀ ବାଗ, ଧନେଶ୍ୱର ମାଝୀ, ପଦ୍ମନ ଚଲାନ, ଜଗନ୍ନାଥ ପୁଝାରି, ବନୁ ମାଝୀ, ବିରେନ କନ୍ଧ, ନରସିଂହ ମାଝୀ, ପଦ୍ମ ଲୋଚନ ନାଏକ, ନବେ ମାଝୀ, ଦୁର୍ଜନ ପୁଝାରି, ନରେନ୍ଦ୍ର ବାଗ, ପୁରୁନ କନ୍ଧ, ମଦନ ଚଲାନ, ତ୍ରିନାଥ ପୁଝାରି, ବୈକୁଣ୍ଠ ଚଲାନ, ଶିବ ପ୍ରସାଦ ବାଣୁଆ, ମଞ୍ଜିତ ନାଏକ ସମେତ ନାରୀ କମିଟିର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ରହିଥିଲେ।

## କୋଶଳୀ ଭାଷା ସୁରକ୍ଷା ସମିତିର ବାର୍ଷିକ ଉତ୍ସବ ଆୟୋଜିତ



ଟିଟିଲାଗଡ଼, (ଡିକେ ନ୍ୟୁଜ୍): ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୋଶଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ସଂଘର୍ଷ ଜାରି ରଖିଛି ଟିଟିଲାଗଡ଼ କୋଶଳୀ ଭାଷା ସୁରକ୍ଷା ସମିତି। ରବିବାର ସ୍ଥାନୀୟ ଡିଏନ ରିସର୍ଟ ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ସଭାପତି ଦିଲୀପ ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ସମ୍ମାନିତ ଅତିଥି ଭାବେ ଡ.ବିନୋଦ ବିହାରୀ ଜାଲ, ମୁଖ୍ୟବକ୍ତା ଭାବେ ଡ.ଗୁରୁଶ୍ରି ଘାସିରାମ ମିଶ୍ର ଯୋଗ ଦେଇଥିଲେ। ପ୍ରଥମେ ମା'ଘଣ୍ଟାଶୁଣି ଓ ମା'କୋଶଳୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଦ୍ୱିପ ପ୍ରଜ୍ୱଳନ କରିବା ପରେ ସଭା ଆରମ୍ଭ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ କବି ଭିକାରୀ ମିଶ୍ର। ଏହି ଅବସରରେ ଜୀବନ ଯାକର ସାଧନା ସମ୍ମାନରେ ସମ୍ମାନୀତ କରାଯାଇଥିଲା ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଡାକ୍ତର ଶ୍ରୀନିବାସ ଉଦ୍ଗାତାଙ୍କୁ, ସେହିପରି ଝାଂପି ସମ୍ମାନରେ ସମ୍ମାନିତ କରାଯାଇଥିଲା ଡ.ଦଳ ଗୋବିନ୍ଦ ବିଶିଙ୍କୁ। ଝାଂପି ୨୦୨୪ର ଦମଦାର ଲେଖା ସମ୍ମାନରେ ସମ୍ମାନିତ ହେଲେ କବି ଗଣେଶ ବାରିକ, ଝାଂପିର ଝିଇ ସମ୍ମାନରେ ସମ୍ମାନିତ ହେଲେ ଶିଳ୍ପୀ ସୁଶ୍ରୀ ପଞ୍ଚମୀ ମାଝୀ। ସେହିପରି ନୁକୋ ବହି ସମ୍ମାନରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ଡ.ବିନୋଦ ବିହାରୀ ଜାଲ, ଗୁରୁଶ୍ରୀ ଘାସିରାମ ମିଶ୍ର, ଡ.ସନ୍ତୋଷ ରଥ, ଡ.ଯୁଗଳ କିଶୋର ଷଡ଼ଙ୍ଗୀ, ଡ.ପରମେଶ୍ୱର ମୁଣ୍ଡ, ଶେଷଦେବ ଭୋଇ, ବଳଦେବ ଦୀକ୍ଷିତ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ମଧୁସୂଦନ ଦାସ, ଟିକେଲାଲ୍ ବେହେରା, ମାନିନୀ ମେହେର, ବିରଞ୍ଚି ନାରାୟଣ ମୁଣ୍ଡ, ବୃନ୍ଦାବନ କୁମ୍ଭାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ତା'ସହ ଦିବଂଗତ କୋଶଳୀ ସୁପୁତମାନଙ୍କର ନାମରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ଅଶ୍ୱିନୀ ମହାନ୍ତିଙ୍କ ସ୍ମୃତିରେ ସମ୍ମାନିତ ହେଲେ ଅଶୋକ କୁମାର ପୁଜାହାରି, ଲକ୍ଷ୍ମୀ ପ୍ରସାଦ ବାଗଙ୍କ ସ୍ମୃତିରେ ଦୁର୍ଗା ମାଧବ ପଣ୍ଡା, ନିମାଇଁ ଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ସୁରଜିତ ସିଂ ମହାରଥୀ, ପ୍ରଶାନ୍ତ ନାୟକଙ୍କ ସ୍ମୃତିରେ ରାଧାରାଣୀ ତ୍ରିପାଠୀ, ମଧୁସୂଦନ ମହାନନ୍ଦଙ୍କ ସ୍ମୃତିରେ ଗୌରାଙ୍ଗ ପାଣ୍ଡେ, ଚତୁର୍ଭୁଜ ଶାନ୍ତଙ୍କ ସ୍ମୃତିରେ ପୁସ୍ତମ ଯୁଆଡ଼ି, ରାମ ଭକ୍ତ ଫରିକର ସମ୍ମାନରେ ସମ୍ମାନୀତ ହେଲେ କ୍ଷୀରୋଦ୍ର କୁମାର ସାହୁ। ଅପରାହ୍ନର ଦ୍ୱିତୀୟ ଅଧିବେଶନରେ ଆଲୋଚନା ଚକ୍ର ଓ କୋଶଳୀ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ବସରୁ ଯୁବକଙ୍କୁ ଅପହରଣ, ଦେଢ଼ ଲକ୍ଷ ଟଙ୍କା ଦାବି

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ): ଗଜପତି ଜିଲ୍ଲା ମୋହନା ଅଞ୍ଚଳରୁ ଏକ ବସ ଦ୍ୱାରା ନିଜ ଘରକୁ ଫେରୁଥିବା ଜଣେ ଯୁବକଙ୍କୁ ଅପହରଣ କରାଯାଇଛି। ଅପହରଣକାରୀମାନେ ଯୁବକଙ୍କ ପରିବାରବର୍ଗଙ୍କୁ ଦେଢ଼ ଲକ୍ଷ ଟଙ୍କା ଦାବି କରିଛନ୍ତି। ଟଙ୍କା ନ ମିଳିଲେ ଯୁବକଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଛନ୍ତି। ଅପହୃତ ଯୁବକ ଜଣକ ହେଲେ ଆର.ଉଦୟଗିରି ଥାନା ସୁନ୍ଦରଡାଙ୍ଗ ଗ୍ରାମର ମଣ୍ଟୁ ବୀର। ପରିବାର ଲୋକଙ୍କ ସୂଚନା ପ୍ରକାରେ, ମଣ୍ଟୁ ଶୁକ୍ରବାର ନିଜ ଭିଣୋଇଙ୍କ ଗ୍ରାମ ମୋହନା ଥାନା ଏଣ୍ଡ୍ରିମା ଗ୍ରାମକୁ ଆସି ବସରେ ଫେରୁଥିବା ବେଳେ କିଛି ଲୋକ ତାଙ୍କୁ ଅପହରଣ କରି ନେଇଥିଲେ ଏବଂ ମୋହନା ସ୍ଥିତ ଗଜପତି ଲଜରେ ରଖୁଥିଲେ। ପରେ ପରିବାର ବର୍ଗଙ୍କୁ ଏକ ନମ୍ବରରେ ଯୋଗାଯୋଗ କରିବା ସହ ଦେଢ଼ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିସହ ମଣ୍ଟୁଙ୍କ ହାତ ଏବଂ ମୁହଁ ବନ୍ଧା ଥିବା ଏକ ଫଟୋ ପଠାଇ ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ଶନିବାର ପରିବାର ଲୋକେ ମୋହନା ଆସି ଉକ୍ତ ଲଜକୁ ଯାଇ ଦେଖିବା ବେଳେ ସେଠାରେ ମଣ୍ଟୁଙ୍କର କୌଣସି ପଞ୍ଝା ମିଳିନଥିଲା। ବାରମ୍ବାର ଅପହରଣକାରୀ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ମଣ୍ଟୁଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଥିବା ପରିବାର ଲୋକେ କହିଛନ୍ତି। ଏନେଇ ମଣ୍ଟୁଙ୍କ ବାପା ଅନ୍ତନାସି ବୀରଙ୍କ ଲିଖିତ ଅଭିଯୋଗ ମୋହନା ଥାନାରେ ଏକ ମାମଲା ରୁଜୁ କରିବା ସହ ପୋଲିସ ଗଜପତି ଲଜର ମାଲିକ ଶରତ ଚନ୍ଦ୍ର ସାବତଙ୍କୁ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ରାମନାଗୁଡ଼ା ପୋଲିସର ସଫଳତା, ୪୨କେଜି ଗଞ୍ଜେଇ ଜବତ



ରାୟଗଡା, (ଡିକେ ନ୍ୟୁଜ୍): ରାୟଗଡା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପେଣକମ ନିକଟ ତାମିଙ୍ଗି ଛକ କେନାଲ ନିକଟରୁ ୪୨କେଜି ଗଞ୍ଜେଇ ଜବତ ହୋଇଛି। ଜବତ ସମୟରେ ବାସୁଦେବ ବିଡ଼ିକା (୩୫), ଅଜୟ କାଡ଼ାକା (୨୫), ରୋହିତ ବିଡ଼ିକା (୧୭)ନାମକ ତିନିଜଣ ସ୍ଥାନୀୟ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାର ଅନୁମାନ କରାଯାଉଛି। ଏହି ତିନିଜଣଙ୍କ ଘର ଗୁଡ଼ାରୀ ଥାନା ଅନ୍ତର୍ଗତ ମେଟୁ ଖିଲିଙ୍ଗିରାଇ ଗ୍ରାମରେ, ଏମାନଙ୍କ ସହିତ କିଙ୍ଗପିନ ତୁଷାର ଦୀପକ ଉଘାଡେ (୩୯)ଙ୍କୁ ମଧ୍ୟ ଗିରଫ କରାଯାଇଛି। ସେ ହେଉଛନ୍ତି, ମହାରାଷ୍ଟ୍ର ବାସିନ୍ଦାୟ ଏମାନଙ୍କ ନାମରେ କେସ ନଂ ୪୫/ ୨୬.୪.୨୫ ୟୁ/ଏସ୍-୨୦ (ବି) (୧୧) (ସି) ଏନ୍‌ଡିପିଏସ୍ ଆକ୍ଟ ଦଫା ଲଗାଯାଇଛି। ଗଞ୍ଜେଇ ଜବତ ସ୍ଥାନରେ ରାମନାଗୁଡ଼ା ତହସିଲଦାର ତଥା ମାଜିଷ୍ଟ୍ରେଟ ଗୟା ଡମ୍ବରୁ ଧର ବେହେରା, ବିଡ଼ିଓ ରିନା ପ୍ରଧାନ ଉପସ୍ଥିତ ଥିଲେ। ସରକାରୀ ସାକ୍ଷୀ ଭାବେ ପିଇଓ ରମାକାନ୍ତ ମାଣ୍ଡାଙ୍ଗୀ, ଚିତ୍ତରଞ୍ଜନ ଦେଓ ରହିଥିଲେ। ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ଜଳନ୍ଧର ସେଠୀ, ଏସଆଇ ବାବୁଲା ପ୍ରଧାନ, ଏଏସଆଇ ଠାକୁର ଦାସ ଟୁଡୁ, ହାବିଲଦାର ଦେବଗ୍ରୀନ ଶବର, ସୁନୀଲ ଡାକୁଆ, ଶମ୍ଭୁ ପାଲକା ଓ ଦୁର୍ଗାପ୍ରସାଦ ଜଗତ ଉପସ୍ଥିତ ଥିଲେ। ଥାନାଧିକାରୀ ସୁନିତା ବେହେରା ପ୍ରକାଶ କରିଛନ୍ତି ଯେ, ଜବତ ହୋଇଥିବା ଗଞ୍ଜେଇ ଆନୁମାନିକ ମୂଲ୍ୟ ଏକ ଲକ୍ଷ ଛବିଶ ହଜାର ଟଙ୍କା ହେବ। ଘଟଣାର ତଦାରଖ ଏସଆଇ ବାବୁଲା ପ୍ରଧାନ କରୁଛନ୍ତି।









# ଲଣ୍ଡନରେ ରହୁଛନ୍ତି ବିରୁଷ୍କା; ଅଭିନେତ୍ରୀ ମାଧୁରୀ ଦୀକ୍ଷୀତଙ୍କ ସ୍ୱାମୀ ଦେଲେ ସୂଚନା



ନୂଆଦିଲ୍ଲୀ, ୨୭।୪ (ହି.ସ): ଭାରତୀୟ କ୍ରିକେଟ ତାରକା ବିରାଟ କୋହଲି ଏବଂ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଲଣ୍ଡନକୁ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷୀତଙ୍କ ସ୍ୱାମୀ ଡାକ୍ତର ଶ୍ରୀରାମ ନେନେ ଏହି ଦମ୍ପତିଙ୍କ ଏହି ନିଷ୍ପତ୍ତି ପଛରେ ଥିବା କାରଣ ସମ୍ପର୍କରେ ଖୁଲାସା କରିଛନ୍ତି। ତାଙ୍କ ମତରେ, ଭିରାଟ ଏବଂ ଅନୁଷ୍କା ଭାରତରେ ସର୍ବଦା ମିଡ଼ିଆ ଏବଂ ଜନସାଧାରଣଙ୍କ ଅତ୍ୟଧିକ ଧ୍ୟାନ ଯୋଗୁଁ ନିଜର ସଫଳତାକୁ ଉପଭୋଗ କରିପାରୁ ନାହାନ୍ତି। ସେମାନେ ନିଜ ପିଲାମାନଙ୍କୁ ଏକ ସାଧାରଣ ଜୀବନଯାପନ ପ୍ରଦାନ କରିବା ପାଇଁ ଲଣ୍ଡନକୁ ଯାଇଥିବା କୁହାଯାଉଛି। ଡାକ୍ତର ନେନେ ୟୁଟ୍ୟୁବର ରଣବୀର ଆଲ୍ଲାବାଦିଆଙ୍କ ସହ ଏକ ଆଲୋଚନାରେ କହିଛନ୍ତି, ଅନୁଷ୍କା ମୋ ସହ ଏକ ଆଲୋଚନାରେ କହିଥିଲେ ଯେ ଭାରତରେ ସେମାନଙ୍କ ପାଇଁ ସଫଳତାକୁ ଉପଭୋଗ କରିବା କଷ୍ଟକର। ସେମାନେ ଏକ ଶାନ୍ତିପୂର୍ଣ୍ଣ ଏବଂ ବ୍ୟକ୍ତିଗତ ଜୀବନ ଚାହୁଁଛନ୍ତି। ସେ ଆହୁରି କହିଛନ୍ତି, ଅନୁଷ୍କା ଏବଂ ଭିରାଟ ଅତ୍ୟନ୍ତ ଭଲ ଲୋକ ଏବଂ ସେମାନେ ନିଜ ପିଲାମାନଙ୍କୁ ସାଧାରଣ ଭାବେ ବଢ଼ାଇବାକୁ ଚାହାନ୍ତି। ଗତ ଏକ ବର୍ଷ ଧରି ଏହି ଦମ୍ପତିଙ୍କ ଭାରତ ଛାଡ଼ି ବିଦେଶ ଯିବା ନେଇ ଅନୁମାନ ଚାଲିଥିଲା। ସେମାନଙ୍କୁ ଲଣ୍ଡନରେ ଏକାଧିକ ଥର ଦେଖାଯାଇଥିବା ବେଳେ କେତେକ ଘନିଷ୍ଠ ବ୍ୟକ୍ତି ସେମାନେ ଆମେରିକାରେ ସ୍ଥାୟୀ ହେବା ନେଇ ନିଶ୍ଚିତ କରିଛନ୍ତି। ବିରାଟଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ମଧ୍ୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ବିରାଟ ନିଜ ପରିବାର ସହ ଲଣ୍ଡନକୁ ସ୍ଥାନାନ୍ତର ହେବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ସେ କ୍ରିକେଟ ବ୍ୟତୀତ ଅଧିକାଂଶ ସମୟ ପରିବାର ସହ ବିତାଉଛନ୍ତି। ତେବେ, ଲଣ୍ଡନକୁ ସ୍ଥାନାନ୍ତର ହେବା ସତ୍ତ୍ୱେ ବିରାଟ କୋହଲି ନିଜ କ୍ରିକେଟ କ୍ୟାରିୟର ଜାରି ରଖିଛନ୍ତି। ଆଇପିଏଲ ୨୦୨୫ରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖେଳୁଛନ୍ତି ଏବଂ ତାଙ୍କ ପ୍ରଦର୍ଶନ ପାଇଁ ପ୍ରଶଂସା ମଧ୍ୟ ପାଇଛନ୍ତି। ନିକଟରେ ସେ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟି-୨୦ କ୍ରିକେଟରେ ଏକ ନିର୍ଦ୍ଦିଷ୍ଟ ମଇଦାନରେ ସର୍ବାଧିକ ଅର୍ଦ୍ଧଶତକ (୨୬ଟି) ରେକର୍ଡ ହାସଲ କରିଛନ୍ତି। ବିରାଟ ଏବଂ ଅନୁଷ୍କା ୨୦୧୭ ମସିହାରେ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି ସନ୍ତାନ ରହିଛନ୍ତି। ଝିଅ ଭାମିକା (୨୦୨୧ରେ ଜନ୍ମ) ଏବଂ ପୁଅ ଅକାୟ (୨୦୨୪ରେ ଜନ୍ମ)। ଏହି ଦମ୍ପତି ସର୍ବଦା ନିଜ ବ୍ୟକ୍ତିଗତ ଜୀବନକୁ ଗୋପନୀୟ ରଖିବାକୁ ପସନ୍ଦ କରନ୍ତି ଏବଂ ଲଣ୍ଡନରେ ସେମାନେ ଏକ ଶାନ୍ତ ଓ ସାଧାରଣ ଜୀବନଯାପନ କରୁଥିବା ଜଣାପଡ଼ୁଛି। ଏହି ଖବର ସୋସିଆଲ ମିଡ଼ିଆରେ ମଧ୍ୟ ବେଶ ଚର୍ଚ୍ଚାର ବିଷୟ ହୋଇଛି। କେତେକ ପ୍ରଶଂସକ ଏହି ନିଷ୍ପତ୍ତିକୁ ସମର୍ଥନ କରୁଥିବା ବେଳେ ଅନ୍ୟମାନେ ଏହା ଉପରେ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି।

# ନିନ୍ଦା କରିବା ପରିବର୍ତ୍ତେ ଭାରତକୁ ପ୍ରମାଣ ମାଗିଲେ ଶାହିଦ ଆଫ୍ରିଦି



ଇସଲାମାବାଦ, ୨୭।୪ (ହି.ସ): ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ଶାହିଦ ଆଫ୍ରିଦି ବିବାଦୀୟ ବୟାନ ଦେଇଛନ୍ତି। ପାକିସ୍ତାନ ସହ ଜଡିତ ଏକ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। ଏହା ସତ୍ତ୍ୱେ ଆଫ୍ରିଦି ଘଟଣାର ନିନ୍ଦା କରିବା ପରିବର୍ତ୍ତେ ଭାରତଠାରୁ ପ୍ରମାଣ ମାଗିଛନ୍ତି। ପାକିସ୍ତାନକୁ ଦୋଷ ଦେବା ପାଇଁ, ଆଫ୍ରିଦି ଲଜ୍ଜାଜନକ ଭାବରେ ଭାରତକୁ ସମାଲୋଚନା କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ତଦନ୍ତ ବିନା ପାକିସ୍ତାନକୁ ଦୋଷ ଦେବା ଠିକ ନୁହେଁ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣ ଉପରେ ଶାହିଦ ଆଫ୍ରିଦିଙ୍କ ମତାମତ ପଚରାଯାଇଥିଲା। ଜବାବରେ ପାକିସ୍ତାନ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଫ୍ରିଦି କହିଛନ୍ତି, ମୁଁ କ୍ରିକେଟ ଏବଂ କ୍ରୀଡା କୂଟନୀତିରେ ଗଭୀର ବିଶ୍ୱାସ ରଖେ। ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ଯଦି ଆମେ ପଡ଼ୋଶୀ ଦେଶ, ତେଣୁ ଆମେ ପରସ୍ପରର ଯତ୍ନ ନେବା ଉଚିତ। କିନ୍ତୁ ଏହି ଘଟଣା ଏବେ ଘଟିଛି ଏବଂ ତୁମେ ସିଧାସଳଖ ପାକିସ୍ତାନର ନାମ ନେଲ। ଅତି କମରେ ପ୍ରମାଣ ସହିତ ଆସନ୍ତୁ। ବିଶ୍ୱକୁ କୁହନ୍ତୁ। ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରି କହିଛନ୍ତି ଯେ କୌଣସି ଧର୍ମର ଆତଙ୍କବାଦୀଙ୍କୁ କେହି ସମର୍ଥନ କରନ୍ତି ନାହିଁ। ଏହା ପାକିସ୍ତାନରେ ମଧ୍ୟ ଘଟୁଛି। ଏହି ଘଟଣା ସତ୍ତ୍ୱେ ସେ ବିଶ୍ୱାସ କରନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ଉଚିତ କାରଣ ଯୁଦ୍ଧ କରିବାର କୌଣସି କାରଣ ନାହିଁ। ପହଲଗାମରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଦ୍ୱାରା ଅନେକ କଠୋର ପଦକ୍ଷେପ ନିଆଯାଇଛି। ଭାରତ ମଧ୍ୟ ପାକିସ୍ତାନ ସହିତ ସୀମା ବନ୍ଦ କରିଦେଇଛି। ଏହା ସହିତ ଭାରତରେ ଉପସ୍ଥିତ ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଫେରାଇ ଦିଆଯାଇଛି। କେବଳ ଏତିକି ନୁହେଁ ପାକିସ୍ତାନୀ କୂଟନୀତିଜ୍ଞଙ୍କ ଭିସା ମଧ୍ୟ ବାତିଲ କରାଯାଇଛି। ଏହା ବ୍ୟତୀତ ପାକିସ୍ତାନ ସହିତ ଜଳ ବାଣ୍ଟୁଥିବା ସିନ୍ଧୁ ଜଳ ଚୁକ୍ତିନାମା ମଧ୍ୟ ସମାପ୍ତ ହୋଇଛି। ଅନ୍ୟପକ୍ଷରେ, ବିସିସିଆଇ ଆଇସିସିକୁ ଚିଠି ଲେଖି ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ନ ରଖିବାକୁ ଅନୁରୋଧ କରିପାରେ ବୋଲି କୁହାଯାଉଛି।

## ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ

# ଭାରତ ନ ଆସିବା ପାଇଁ ପିସିବିର ଯୋଜନା



ନୂଆଦିଲ୍ଲୀ, ୨୭।୪ (ହି.ସ): ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଦିନକୁ ଦିନ ଜଟିଳ ହେବାକୁ ଲାଗିଛି। ଏହାର ପ୍ରଭାବ କ୍ରିକେଟ ଉପରେ ମଧ୍ୟ ପଡ଼ିଛି। ଆଇସିସି ଇଭେଣ୍ଟରେ ଗୋଟିଏ ଗ୍ରୁପରେ ଉଭୟ ଭାରତ ଓ ପାକିସ୍ତାନକୁ ନ ରଖିବା ନେଇ ବିସିସିଆଇ ପକ୍ଷରୁ ଆଇସିସିକୁ ଚିଠି ମାଧ୍ୟମରେ ଅବଗତ କରାଇଛି। ଏଭଳି ସ୍ଥିତିରେ ଭାରତରେ ଆସନ୍ତା ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପକୁ ନେଇ ବିବାଦ ଆରମ୍ଭ ହୋଇଛି। ଭାରତରେ ଖେଳିବାକୁ ପାକିସ୍ତାନର ଆଗ୍ରହ ନାହିଁ। ଭାରତରେ ମ୍ୟାଚ ନ ଖେଳିବାକୁ ଆମେ ଯୋଜନା କରୁଛୁ ବୋଲି ପିସିବି ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଏବେ ଆଇସିସି, ବିସିସିଆଇ ଓ ପିସିବି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଆଇସିସି ମହିଳା ବିଶ୍ୱକପ ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଭାରତରେ ଆୟୋଜିତ ହେବ। ଏଥିରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିବେ। ପାକିସ୍ତାନ ମଧ୍ୟ ଉକ୍ତ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିଛି। ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ମହିଳା କ୍ରିକେଟ ଦଳ ଭାରତକୁ ବିଶ୍ୱକପ ଖେଳିବାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛି। ପିସିବି ଅଧ୍ୟକ୍ଷ ମୋହସିନ ନକଭି କହିଛନ୍ତି ଯେ, ମହିଳା ଦିନିକିଆ ବିଶ୍ୱକପ ଖେଳିବା ଲାଗି ଭାରତ ନ ଆସିବାକୁ ଯୋଜନା କରୁଛୁ। ହାଇବ୍ରିଡ ମଡେଲରେ ବିଶ୍ୱକପ ଆୟୋଜନ ନେଇ ଆମେ ଆଇସିସିକୁ ପ୍ରସ୍ତାବ ଦେବୁ। ଭାରତ ବଦଳରେ ଆମେ ଏସିଆର ଅନ୍ୟ ଯେକୌଣସି ଦେଶରେ ମ୍ୟାଚ ଖେଳିବାକୁ ପ୍ରସ୍ତୁତ ବୋଲି ନକଭି କହିଛନ୍ତି। ଭାରତ ବଦଳରେ ଆମେ ନିରପେକ୍ଷ ସ୍ଥାନ ଶ୍ରୀଲଙ୍କା କିମ୍ବା ୟୁଏଇରେ ଖେଳିବାକୁ ଆଇସିସିକୁ ପ୍ରସ୍ତାବ ଦେବୁ ବୋଲି ପିସିବି ଅଧ୍ୟକ୍ଷ ନକଭି କହିଛନ୍ତି। ସୂଚନାଯୋଗ୍ୟ ଗତ ଫେବୃଆରୀ ଓ ମାର୍ଚ୍ଚରେ ଆୟୋଜିତ ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ହାଇବ୍ରିଡ ମଡେଲରେ ୟୁଏଇ ଓ ପାକିସ୍ତାନରେ ଖେଳାଯାଇଥିଲା। ପ୍ରତିଯୋଗିତାର ଆୟୋଜକ ପାକିସ୍ତାନ ରହିଥିଲା। ଭାରତ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ମନା କରିବାକୁ ପ୍ରତିଯୋଗିତା ହାଇବ୍ରିଡ୍ ମଡେଲରେ ଖେଳାଯାଇଥିଲା।

# ଆଇପିଏଲ ଅଧାରୁ ବୁଲିବାକୁ ମାଳଦ୍ୱୀପ ପଳାଇଲା ହାଇଦ୍ରାବାଦ ଦଳ



ନୂଆଦିଲ୍ଲୀ, ୨୭।୪ (ହି.ସ): ୨୦୨୫ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦର ପ୍ରଦର୍ଶନ ବହୁତ ଖରାପ ରହିଛି। ଏହି ସିଜନରେ ସେମାନଙ୍କ ପାଇଁ ପ୍ଲେଅଫ୍ ପାଇଁ ପଥ ପ୍ରାୟ ବନ୍ଦ ହୋଇଗଲାଣି। ଦଳ ଏହି ସିଜିନରେ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳିଛି ଯେଉଁଥିରୁ କେବଳ ୩ଟିରେ ବିଜୟୀ ହୋଇଛି। ୬ ପଏଣ୍ଟ ସହିତ, ସେମାନେ ପଏଣ୍ଟ ଟେବୁଲରେ ଅଷ୍ଟମ ସ୍ଥାନରେ ଅଛନ୍ତି ହାଇଦ୍ରାବାଦର ପରବର୍ତ୍ତୀ ମ୍ୟାଚ୍ ଏବେ ମେ ୨ରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଅଛି। ଦଳ ତାଙ୍କର ଶେଷ ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିଥିଲା, ଯେଉଁଠାରେ ସେମାନେ ୫ ୱିକେଟରେ ଜିତିଥିଲେ। ସିଏସକେ ବିପକ୍ଷରେ ବିଜୟୀ ହେବା ପରେ, ହାଇଦ୍ରାବାଦ ଦଳ ଏବେ ଛୁଟିରେ ଚାଲିଯାଇଛି। ହାଇଦ୍ରାବାଦ ଫ୍ରାଞ୍ଚାଇଜ୍ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହି ସୂଚନା ଦେଇଛି। ସନରାଇଜର୍ସ ହାଇଦ୍ରାବାଦ ଦଳ ଭାରତର ପଡ଼ୋଶୀ ଦେଶ ମାଳଦ୍ୱୀପ ଯାଇଛି। ଦଳର ଦୁଇଟି ମ୍ୟାଚ୍ ମଧ୍ୟରେ ଗୋଟିଏ ସପ୍ତାହର ବ୍ୟବଧାନ ଅଛି। ୨୫ ଏପ୍ରିଲ ପରେ, ଦଳକୁ ଏବେ ଏହାର ପରବର୍ତ୍ତୀ ମ୍ୟାଚ୍ ୨ ମଇରେ ଖେଳିବାକୁ ପଡିବ। ପରବର୍ତ୍ତୀ ମ୍ୟାଚରେ ପ୍ୟାଟ୍ କମିନ୍ସଙ୍କ ଦଳ ଗୁଜରାଟ ଟାଇଟାନ୍ସ ସହିତ ମୁକାବିଲା କରିବ। ଏହି ମ୍ୟାଚ୍ ଗୁଜୁରାଟର ହୋମ ଗ୍ରାଉଣ୍ଡ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଉଲ୍ଲେଖ ଥାଉ କି ହାଇଦ୍ରାବାଦ ଦଳ ୯ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ କେବଳ ୩ଟିରେ ବିଜୟୀ ହୋଇଛି। ସନରାଇଜର୍ସ ହାଇଦ୍ରାବାଦ ଦଳକୁ ଆହୁରି ୫ଟି ମ୍ୟାଚ୍ ଖେଳିବାକୁ ପଡିବ। ଦଳଗୁଡ଼ିକ ପ୍ରାୟତଃ ୧୬ ପଏଣ୍ଟ ସହିତ ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରନ୍ତି। ଏପରି ପରିସ୍ଥିତିରେ, ହାଇଦ୍ରାବାଦକୁ ଏବେ ୧୬ ପଏଣ୍ଟ ପାଇବା ପାଇଁ ସମସ୍ତ ମ୍ୟାଚ୍ ଜିତିବାକୁ ପଡିବ। ଅନେକ ଥର ଦଳଗୁଡ଼ିକ ୧୪ ପଏଣ୍ଟ ସହିତ ପ୍ଲେଅଫରେ ପ୍ରବେଶ କରନ୍ତି କିନ୍ତୁ ସେହି ପରିସ୍ଥିତିରେ ସେମାନଙ୍କୁ ଅନ୍ୟ ଦଳର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବାକୁ ପଡିବ।

## ପାକ୍ କଳାକାରଙ୍କ ସହ କାମ କଲେ ଦେଶଦ୍ରୋହ ମାମଲା

# ମନ୍ତ୍ରାଳୟକୁ ଚିଠି ଲେଖିଲା ଏଫଡବ୍ଲୁଆଇସିଇ



ନୂଆଦିଲ୍ଲୀ, ୨୭।୪ (ହି.ସ): ପହଲଗାମ୍ ଆତଙ୍କୀ ଆକ୍ରମଣ ପରଠୁ ପାକ୍ କଳାକାରଙ୍କୁ ବିରୋଧ ଜୋର ଧରିଛି। ଫେଡେରେସନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମପ୍ଲଇଜ୍ (ଏଫଡବ୍ଲୁଆଇସିଇ) ପାକିସ୍ତାନୀ କଳାକାରଙ୍କର ଭାରତରେ କାମ କରିବା ଉପରେ ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ ପାଇଁ ଦାବି କରିଛି। ଯଦି କୌଣସି ଭାରତୀୟ ନାଗରିକ ପାକ୍ କଳାକାରଙ୍କ ସହ କାମ କରିବେ, ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେବ। ସୂଚନାଯୋଗ୍ୟ, ଆସନ୍ତା ୯ ତାରିଖରେ ପାକ୍ କଳାକାର ଫୱାଦ ଖାନ୍‌ଙ୍କ ଫିଲ୍ମ 'ଅବୀର ଗୁଲାଲ୍'ର ରିଲିଜକୁ ଅଟକାଇ ଦିଆଯାଇଛି। ଏଫଡବ୍ଲୁଆଇସିଇର ଜେନେରାଲ ସେକ୍ରେଟାରୀ ଅଶୋକ ଦୁବେ ଏସିଆନ୍ ନ୍ୟୁଜ୍ ଇଣ୍ଟରନ୍ୟାସନାଲକୁ କହିଛନ୍ତି, ଏହା ରାଷ୍ଟ୍ରହିତ ମାମଲା, ତେଣୁ ଦେଶ ସର୍ବପ୍ରଥମ। ଭାରତ ଉପରେ ଲଗାତାର ଆତଙ୍କୀ ହମଲା ହେଉଛି। ତନ୍ମଧ୍ୟରେ ସଦ୍ୟ ପହଲଗାମ୍ ଆକ୍ରମଣ ଅନ୍ୟତମ, ଯାହା ଅତ୍ୟନ୍ତ ଲଜ୍ଜାଜନକ। ଏ ନେଇ ଆମେ ପୁଣି ଥରେ ପ୍ରେସ୍ ଇସ୍ତାହାର ଜାରି କରିଛୁ, ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ହୋଇଛି ଯେ ଆମର କୌଣସି ସଦସ୍ୟ ଯଦି ପାକ୍ କଳାକାର କିମ୍ବା ଟେକ୍ନିସିଆନ୍‌ଙ୍କ ସହ କାମ କରୁଥିବା ଜଣାପଡ଼ିବେ, ଆମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ଏବଂ ତାଙ୍କ ସହ କାମ ବନ୍ଦ କରିଦେବୁ। ଅଶୋକ ଦୁବେ ଆହୁରି କହିଛନ୍ତି, ସେ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟକୁ ମଧ୍ୟ ଚିଠି ଲେଖି ଅଧିସୂଚନା ଜାରି କରି କହିଛନ୍ତି ଯେ ଯଦି କୌଣସି ଭାରତୀୟ ସଦସ୍ୟ ପାକ୍ କଳାକାରଙ୍କ ସହ କାମ କରିବେ, ତେବେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେବା ଉଚିତ। ଏହା ଦ୍ୱାରା ସେମାନେ ଆଗକୁ ଏହା କରିବା ପୂର୍ବରୁ ହଜାର ଥର ଚିନ୍ତା କରିବେ। ଏଥିସହ ସେ ଏଫଡବ୍ଲୁଆଇସିଇ ସହ ଜଡ଼ିତ ସମସ୍ତ ସଂଗଠନକୁ ଚିଠି ଲେଖୁଥିବା କହିଛନ୍ତି। ଯଦି ପୁଣି କେହି ଏଭଳି ଗତିବିଧିରେ ଲିପ୍ତ ଥିବା ଜଣାପଡ଼ିବେ, ତେବେ ତାଙ୍କୁ ଇଣ୍ଡଷ୍ଟ୍ରିରେ କାମ କରିବାର ଅନୁମତି ଦିଆଯିବ ନାହିଁ। ପୁଲୱାମା ଆକ୍ରମଣ ପରେ ପ୍ରଥମ ଥର ଜଣେ ପାକ୍ କଳାକାରଙ୍କ ଫିଲ୍ମ ଭାରତରେ ରିଲିଜ୍ ହୋଇଥାନ୍ତା। ଉରୀ ଓ ପୁଲୱାମା ଆକ୍ରମଣ ପରେ ଭାରତରେ ପାକ୍ କଳାକାରଙ୍କୁ ବ୍ୟାନ୍ କରାଯାଇଥିଲା। କିନ୍ତୁ ପରେ ଏହାକୁ ହଟାଯାଇଥିଲା।

# ଅଡୁଆରେ ରେହମାନ, ନୋଟିସ ପରେ ୨ କୋଟି ଟଙ୍କାର ଜରିମାନା ଲଗାଇଲେ ହାଇକୋର୍ଟ



ମୁମ୍ବାଇ, ୨୭।୪ (ହି.ସ): ନୂଆ ଅଡୁଆରେ ଫସିଛନ୍ତି ଖ୍ୟାତନାମା ସଂଗୀତକାର ଏଆର୍ ରେହମାନ। ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ଦୁଇ ବର୍ଷ ପୁରୁଣା ଫିଲ୍ମ 'ପୋନ୍ନିୟିନ ସେଲଭନ ୨'ରେ କପିରାଇଟ୍ ମାମଲାରେ ସେ ଛନ୍ଦି ହୋଇଛନ୍ତି। ରେହମାନ ଏବଂ ଫିଲ୍ମର ପ୍ରଯୋଜନା ସଂସ୍ଥା ଉପରେ ଅଭିଯୋଗ ହୋଇଛି ଯେ ଗୀତ ବୀରା ରାଜା ବୀରାର ଧ୍ୱନୀ ଶାସ୍ତ୍ରୀୟ ସଂଗୀତର ଧ୍ୱନୀ ଏବଂ ଲୟରୁ ଚୋରି କରାଯାଇଛି। ଏହି ମାମଲାରେ କୋର୍ଟ ରେହମାନଙ୍କୁ ନୋଟିସ ପଠାଇଛନ୍ତି। ପଦ୍ମଶ୍ରୀରେ ସମ୍ମାନିତ ଭେଟେରାନ ଫୈୟାଜୁଦ୍ଦିନ ବସିଫୁଦ୍ଦିନ ଡାଗର ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟରେ ଯାଚିକା ଦାୟର କରିଥିଲେ। ଉପରୋକ୍ତ ଗୀତର ଧ୍ୱନୀକୁ ତାଙ୍କ ବାପା ଏବଂ ଦାଦାଙ୍କ ଦ୍ୱାରା କମ୍ପୋଜ କରାଯାଇଥିବା 'ଶିବ ସ୍ତୁତି'ରୁ ଚୋରି କରାଯାଇଥିବା ଅଭିଯୋଗ ଆଣିଥିଲେ। ଉଭୟର ସାମଞ୍ଜସ୍ୟ ଥିଲା। ତଥାପି ଫିଲ୍ମରେ ତାଙ୍କ ପରିବାରକୁ କ୍ରେଡିଟ୍ ଦିଆଯାଇ ନ ଥିବା ସେ କହିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ରେହମାନଙ୍କୁ ନୋଟିସ ପଠାଇଛନ୍ତି। ଏପରିକି ତାଙ୍କ ଉପରେ ୨ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। କୋର୍ଟ କହିଛନ୍ତି ଯେ ଗୀତର ସମସ୍ତ (ଓଟିଟି ଏବଂ ଅନଲାଇନ୍) ପ୍ଲାଟଫର୍ମରେ ଅପଡେଟ୍ କରାଯାଉ।

# ପାକିସ୍ତାନ ମନ୍ତ୍ରୀଙ୍କୁ ଅପାଠୁଆ ମୂର୍ଖ କହିଲେ ଅଦନାନ



ମୁମ୍ବାଇ, ୨୭।୪ (ହି.ସ): ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ବଢ଼ିଛି। ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବାକୁ ଭାରତ ଅଲଟିମେଟମ୍ ଦେଇସାରିଛି। ଇତିମଧ୍ୟରେ ପାକିସ୍ତାନର ପୂର୍ବ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଫୱାଦ ଚୌଧରୀ ଗାୟକ ଆଦନାନ ସାମୀଙ୍କ ନାଗରିକତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଜଣେ ଭାରତୀୟ ସାମ୍ବାଦିକ ପହଲଗାମ୍ ଆକ୍ରମଣ ପରେ କେନ୍ଦ୍ରର ନିଷ୍ପତ୍ତି ବିଷୟରେ ଲେଖିଥିଲେ, ଯେଉଁଥିରେ ପାକ୍ ନାଗରିକଙ୍କୁ ଭାରତ ଛାଡ଼ିବାକୁ କୁହାଯାଇଛି। ଏହି ଘଟଣାକ୍ରମ ଉପରେ ପ୍ରତିକ୍ରିୟା ଦେଇ ଫୱାଦ ଚୌଧରୀ ଲେଖିଛନ୍ତି 'ଅଦନାନ ସାମୀଙ୍କ ବିଷୟରେ କ'ଣ?' ଅଦନାନ ଏବେ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ଫୱାଦ ଚୌଧରୀଙ୍କ ଟ୍ୱିଟକୁ ଶେୟାର କରି ସେ ଲେଖିଛନ୍ତି 'ଏହି ଅପାଠୁଆ ମୂର୍ଖକୁ କିଏ କହିବ।' ଏଥିସହିତ ସେ ସ୍ମାଇଲି ଇମୋଜି ଦେଇଛନ୍ତି। ସୂଚନାଯୋଗ୍ୟ, ଅଦନାନଙ୍କ ଜନ୍ମ ଇଂଲଣ୍ଡରେ ହୋଇଥିଲା। ତାଙ୍କ ବାପା ଅରଶଦ ସାମୀ ଖାନ୍ ପାକିସ୍ତାନୀ ଥିଲେ ଏବଂ ତାଙ୍କ ମା' ନୂରୀନ ଖାନ୍ ଜମ୍ମୁ ବାସିନ୍ଦା ଥିଲେ। ଅଦନାନଙ୍କ ପାଖରେ ପୂର୍ବରୁ ପାକିସ୍ତାନୀ ନାଗରିକତା ଥିଲା। ଡିସେମ୍ବର ୨୦୧୬ରେ ତାଙ୍କୁ ଭାରତୀୟ ନାଗରିକତା ମିଳିଲା। ଭାରତୀୟ ନାଗରିକତା ପାଇଁ ତାଙ୍କୁ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ତେବେ ୧୯୮୬ରେ ଇଂରାଜୀ ଆଲବମରୁ କ୍ୟାରିଅର ଆରମ୍ଭ କରିଥିଲେ ଅଦନାନ। ୧୯୮୯ରେ ଉସ୍ତାଦ ଜାକିର ହୁସେନଙ୍କ ସହ ତାଙ୍କର ପ୍ରଥମ କ୍ଲାସିକଲ୍ ଆଲବମ ଆସିଥିଲା। ୨୦୦୦ ମସିହାରେ ଆଶା ଭୋଁସଲେଙ୍କ ସହ ଆଦନାନ 'କଭି ତୋ ନଜର ମିଲାଓ' ଆଲବମ କଲେ। ତା'ପରେ ଅମିତାଭ ବଚ୍ଚନଙ୍କ ସହ 'ଲିଫ୍ଟ କରା ଦେ', 'କଭି ନହିଁ' ଭଳି ହିଟ୍ ଆଲବମ କଲେ। ତାଙ୍କର ଆଉ ଏକ ଷ୍ଟୁଡିଓ ଆଲବମ 'ତେରା ଚେହରା' ଅକ୍ଟୋବର ୨୦୦୨ରେ ରିଲିଜ୍ ହୋଇଥିଲା। 'ଲକି: ନୋ ଟାଇମ୍ ଫର୍ ଲଭ୍'ରେ ସୁନ୍ ଜରା ଓ 'ବଜରଙ୍ଗୀ ଭାଇଜାନ୍'ର ଭର୍ ଦୋ ଝୋଲି ମେରୀ ଭଳି ହିଟ୍ ଗୀତ ଗାଇଛନ୍ତି ଅଦନାନ। ଏହା ସହିତ 'ୟେ ରାସ୍ତେ ହେଁ ପ୍ୟାର୍ କେ', 'ଧମାଲ୍', '୧୯୨୦', 'ଚାନ୍ସ ପେ ଡାନ୍ସ', 'ମୁମ୍ବାଇ ସାଲସା', 'ସଦିୟାଁ' ଓ 'ଶୌର୍ୟା' ଭଳି ଫିଲ୍ମରେ ମଧ୍ୟ ସେ କଣ୍ଠଦାନ କରିଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik